# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଡ଼ କିଣିଥିଲି ପଉଟିଏ,
ପୁଅ ବାହା କଲି, ଝିଅ ବାହା କଲି,
ଆହୁରି ବଳିଲା ପଉଟିଏ।**

ଅତି କୃପଣ, ଶାମୁକାଏ ଚିନିରେ ସମୁଦ୍ର ଯାକ ପଣା କଲା। ସାଧାରଣତଃ ପୁଅ ଝିଅଙ୍କ ବିବାହ କରାଇବାରେ ବ୍ୟକ୍ତିଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏପରିକି ସଞ୍ଚିତ କରାଯାଇଥିବା ଅର୍ଥ ବେଳେବେଳେ ନିଅଣ୍ଟ ପଡୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥାଏ। ବିବାହ ନେଇ ଯୋଜନା କରାଯାଇଥିବା ଖର୍ଚ୍ଚରୁ ଆଉ କିଛି ଅର୍ଥ ବଳି ପଡ଼ିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଜ ମୂର୍ଖ ଚଲଣା ଚୋର,
ଅଣ୍ଟି ନ ପୂରିଲେ ଆହୁରି ତୋଳ।**

ସବୁ ଆତ୍ମସାତ୍ କରି ସୁଦ୍ଧା ଆହୁରି ନିଅଣ୍ଟ। କିଛି ବ୍ୟକ୍ତିଙ୍କ ମନରେ ଅଧିକ ପାଇବାକୁ ଲୋଭ ଏବଂ ଆଶା ରହିଥାଏ। ଯେତେ ପାଇଲେ ମଧ୍ୟ ସେମାନଙ୍କ ମନର ଆଶା କେବେହେଲେ ମେଣ୍ଟିପାରି ନ ଥାଏ। ଆଶାଠୁ ଅଧିକ ଲୋଭ କରୁଥିବା ମୂର୍ଖ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା

## ଶ୍ୱଶୁରଘରେ ଜ୍ୱାଇଁଙ୍କ ବୀଭତ୍ସକାଣ୍ଡ

ଭଦ୍ରକ ଅଫିସ, ୨୫।୫

ଶଳା ବାହାଘର ପାଇଁ ଶ୍ୱଶୁର ଘରକୁ ଆସିଥିଲେ ଝିଅଜ୍ୱାଇଁ। ରାତିରେ ସ୍ୱାମୀ ସ୍ତ୍ରୀ ଖାଇପିଇ ଶୋଇଥିଲେ। କିନ୍ତୁ ରାତିରେ ସ୍ତ୍ରୀଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଛନ୍ତି ସ୍ୱାମୀ। ଏମିତି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ହଜାରୀ ସାହିରେ। ମୃତ ମହିଳା ହେଲେ ବିନୋଦ ସିଂହଙ୍କ ଝିଅ ଲକ୍ଷ୍ମୀପ୍ରିୟା। ଏହି ଘଟଣାରେ ପୋଲିସ ମୃତ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ସିଂହଙ୍କୁ ଗୁରୁବାର ଗିରଫ କରିଛି। ମୃତ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶ କୁମାର ସିଂହଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୧୦୦/୨୩) ରୁଜୁ ହୋଇଛି।

ଉତ୍ତରପ୍ରଦେଶ ଆଗ୍ରାର ରବୀନ୍ଦ୍ର ୧୮ ବର୍ଷ ତଳେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ। ଦୁଇମାସ ତଳେ ଶଳା ବାହାଘର ପାଇଁ ସେ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଶ୍ୱଶୁରଘରକୁ ଆସିଥିଲେ। ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସେ ଲକ୍ଷ୍ମୀପ୍ରିୟା ମୁହଁରେ ତକିଆ ପକାଇ ବେହୋସ କରିବା ପରେ ବେକ କାଟି ହତ୍ୟା କରିଥିଲେ। ସକାଳ ୫ଟାରେ ନିକଟସ୍ଥ ପୁରୁଷଣ୍ଡ ଗ୍ରାମରେ ରବୀନ୍ଦ୍ର ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ଶୁଭେନ୍ଦୁ ସିଂହ ନାମକ ବ୍ୟକ୍ତି ତାଙ୍କୁ ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଶୁଭେନ୍ଦୁ ତାଙ୍କୁ ଅଟକ ରଖି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ବିଟିପୁର ସରପଞ୍ଚଙ୍କ ପ୍ରତିନିଧି ସପନ ସିଂହଙ୍କୁ ଜଣାଇଥିଲେ। ସେମାନଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ରବୀନ୍ଦ୍ରଙ୍କୁ ଥାନାକୁ ନେବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଗିରଫ ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଇଛି। ତେବେ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ରବୀନ୍ଦ୍ର ଏଭଳି କାଣ୍ଡ ଘଟାଇଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ଆଗରପଡ଼ା ଥାନାଧିକାରୀ ମୋନାଲିସା କର ସୂଚନା ଦେଇଛନ୍ତି।

# ଡାକ୍ତରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ଚାନ୍ଦବାଲି, ୨୫।୫(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ନର୍ସଙ୍କୁ ପ୍ରେମ ନିବେଦନ କରିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ମହଙ୍ଗା ପଡ଼ିଛି। ଗୁରୁବାର ଉକ୍ତ ନର୍ସ ଡାକ୍ତରଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ମହିଳା ନର୍ସ ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଡାକ୍ତର ବହୁ ସମୟରେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଏକୁଟିଆ ପାଇଲେ ଟଣାଓଟରା କରିବା ଏବଂ ରାତିରେ ଫୋନ୍‌ରେ ପ୍ରେମ ନିବେଦନ କରନ୍ତି। ସେ ଏଥିରେ ରାଜି ନ ହେବାରୁ ତାଙ୍କୁ ଗାଳିଗୁଲଜ କରିବା ସହ କ୍ୱାର୍ଟର୍ସରେ ପଶି ବଳାତ୍କାର କରିବାକୁ ଧମକ ଦେଇଥିଲେ। ପୋଲିସ ଅଭିଯୋଗ ଅଧାରରେ ଏକ ମାମଲା (ନଂ.୧୬୭/୨୩) ରୁଜୁ କରିବା ସହ ନର୍ସଙ୍କ ୧୬୪ ବୟାନ ରେକର୍ଡ କରାଯାଇଛି। ଅପରପକ୍ଷେ ପୂର୍ବଶତ୍ରୁତା ପାଇଁ ନର୍ସ ଜଣକ ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ଉକ୍ତ ଡାକ୍ତର କହିଛନ୍ତି।



ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୯ତମ ଶ୍ରାଦ୍ଧୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନବୀନ ନିବାସଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ସନ୍ଦେହରେ ଜମିକୁ ଜଳସେଚନ ଲକ୍ଷ୍ୟ

## କାନପୁର ନଦୀବନ୍ଧ ଯୋଜନା

ଯୋଡ଼ା, ୨୫।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଯୋଜନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଡ୍ୟାମ୍ ପାଣି ଚାଷୀମାନଙ୍କ ପାଇଁ ଉପଯୋଗୀ ହେବ ନା ଶିଳ୍ପ ପାଇଁ ଲାଭଦାୟକ, ଏହାକୁ ନେଇ ଏବେଠୁ ଦ୍ୱନ୍ଦ୍ୱ ଉପୁଜିଲାଣି। କାରଣ ବୈତରଣୀ ନଦୀ ଉପରେ କାନପୁର ନଦୀବନ୍ଧ ଯୋଜନା ଦ୍ୱାରା ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ସମେତ ଯୋଡ଼ା ବ୍ଲକ୍‌ର ୨୯, ୫୭୮ ହେକ୍ଟର ଚାଷଜମି ଜଳସେଚିତ ହେବାର ଲକ୍ଷ୍ୟ ରହିଥିବାବେଳେ ବର୍ତ୍ତମାନ ବିଭିନ୍ନ ଶିଳ୍ପ କମ୍ପାନୀ ଜିଲାରେ ପ୍ରବାହିତ ନଦୀରୁ ପାଣି ନେବା ସହ ସ୍ଲରି ପାଇପ ମାଧ୍ୟମରେ ମାଲ ପରିବହନ କରୁଛନ୍ତି। ଏପରି କି କାନପୁର ନଦୀବନ୍ଧ ପ୍ରକଳ୍ପ ଶେଷ ହୋଇ ନ ଥିବାବେଳେ ଦୁଇ କମ୍ପାନୀ ଜଳ ନେବା ପାଇଁ ଅନୁମୋଦନ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏନ୍‌ଜିଟି ନିକଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ, ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର ଲିମିଟେଡ୍ ୨୬ ଇଞ୍ଚ ମୋଟେଇ ପାଇପ୍‌ରେ ୨୩ .୦ କ୍ୟୁସେକ ଜଳ ଓ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ କମ୍ପାନୀ ୩୨ ଇଞ୍ଚ ମୋଟେଇ ପାଇପ୍‌ରେ କାନପୁର ନଦୀବନ୍ଧରୁ ଜଳ ନେବା ପାଇଁ ଅନୁମୋଦନ ପାଇଛନ୍ତି। ଏହା କାର୍ଯ୍ୟକ୍ଷମ ହେବା ଅପେକ୍ଷାରେ ରହିଛି। ଅପରପକ୍ଷରେ ୨୦୧୩ରୁ ବିଆର୍‌ପିଏଲ୍ କମ୍ପାନୀ ୧୩ ଇଞ୍ଚ ମୋଟେଇ ପାଇପ୍ ଜରିଆରେ ୪.୭୦ କ୍ୟୁସେକ୍ ଜଳ କାନପୁର ବୈତରଣୀ ନଦୀରୁ ନେଉଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ୨୦୦୯ରୁ ବସନ୍ତପୁର ନିକଟ ବୈତରଣୀ ନଦୀ ଉପର ମୁଣ୍ଡରୁ ୨୦ ଇଞ୍ଚ ମୋଟେଇ ପାଇପ୍‌ରେ ୧୧.୭୭ କ୍ୟୁସେକ୍ ଜଳ ନେଉଛି। ଏତଦ୍ ବ୍ୟତୀତ ୪.୩ ମେଗାୱାଟ ଜଳବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବାର ପ୍ରସ୍ତାବ ରହିଛି। କିନ୍ତୁ ଯଦି ନଦୀବନ୍ଧରୁ କମ୍ପାନୀଗୁଡ଼ିକୁ ଉପରୋକ୍ତ ପରିମାଣର ଜଳ ଦିଆଯାଏ, ତେବେ ଚାଷ ଜମିକୁ ଜଳ ନିଅଣ୍ଟ ପଡ଼ିବାର ସମ୍ଭାବନା ରହିଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି। ଏଥିସହ ସ୍ଲରି ପାଇପ୍‌ରେ ମାଲ୍ ପରିବହନ ସମୟରେ ଏହା ଫାଟିବା ଦ୍ୱାରା ଜଳ ପ୍ରଦୂଷଣ ହେବାର ମଧ୍ୟ ଆଶଙ୍କା ରହିଛି। କାରଣ ୨୦୨୧ରେ ଏକ ସ୍ଲରି ପାଇପ୍‌ଲାଇନ ସୁନାନଦୀ ଉପରେ ଫାଟିଥିଲା। ଏ ନେଇ କାନପୁର ପ୍ରକଳ୍ପ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି କହିଛନ୍ତି, ପାଇପ୍ ଲାଇନରେ ପାଣି ଯିବା କଥା ମୁଁ କିଛି ଜାଣି ନାହିଁ, ଆପଣମାନେ ଏସବୁ ଖବର କେଉଁଠାରୁ ପାଉଛନ୍ତି। ଏ ପର୍ଯ୍ୟନ୍ତ କେଉଁଠି ଆପ୍ରୁଭାଲ ହୋଇନାହିଁ। ପାଣି ଯିବା ତ ବହୁ ଦୂରର କଥା, ଓଲଟା କେଉଁଠି ହେଲାଣି କି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ କ’ଣ ପାଣି ଦେଉଛି ବୋଲି ପ୍ରଶ୍ନ କରିବା ସହ ତଳ ମୁଣ୍ଡରୁ ପାଣି ନେଲେ କେନାଲ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଥିଲେ।



ନିର୍ମାଣାଧୀନ କାନପୁର ନଦୀବନ୍ଧ ଯୋଜନା।

ପ୍ରକାଶଯୋଗ୍ୟ, ୨୦୨୨ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଯୋଡ଼ାସ୍ଥିତ ସୁନାନଦୀର ପ୍ରଦୂଷଣ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଉପରେ ରାୟ ଶୁଣାଇଥିଲେ। ଏଥିରେ ସୁନାନଦୀ ଶଯ୍ୟାରେ ଖଣିଜ ସ୍ଲରି ପାଇପ୍‌ଲାଇନ ସଂଯୋଗୀକରଣ ହେଲେ ଏହାଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ୨୦୨୨ରେ ଜଏଣ୍ଟ କମିଟି ଦ୍ୱାରା ଏହାର ଅନୁସନ୍ଧାନ କରାଯାଇଥିଲା। ଏଥିରେ କେନ୍ଦୁଝର ଏଡିଏମ୍ ଯଦୁମଣି ମହଲା, ସିପିସିବି, କୋଲକାତାର ବୈଜ୍ଞାନିକ ଡ. ଜି.ପି. ସିଂ, ଭୁବନେଶ୍ୱର ଏମ୍‌ଓଇଏଫ୍‌ର ବୈଜ୍ଞାନିକ ସନ୍ଦୀପ ନନ୍ଦୀ, ବୈତରଣୀ ଇରିଗେଶନ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରଣବ ନାୟକ, କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିଜିଓନାଲ ଅଫିସର ପ୍ରଶାନ୍ତ କରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କମ୍ପାନୀ ଅଧିକାରୀ ସାମିଲ ଥିଲେ।

ପ୍ରଥମ ପୃଷ୍ଠାରୁ...

## ରାଷ୍ଟ୍ରପତିଙ୍କୁ ଅସମ୍ମାନ...

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, କେରଳ କଂଗ୍ରେସ-ମଣି, ବିଦ୍ୟୁତ୍‌ହାଲାଇ ଚିରୁଥେଗାଲ କଚ୍‌ଚି, ରାଷ୍ଟ୍ରୀୟ ଲୋକ ଦଳ, ଟିଏମ୍‌ସି, ସଂଯୁକ୍ତ ଜନତା ଦଳ, ଏନ୍‌ସିପି, ଆର୍‌ଜେଡି, ଆଇୟୁଏମ୍‌ଏଲ୍, ନ୍ୟାଶନାଲ କନ୍‌ଫରେନ୍ସ, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏବଂ ମାରୁମାଲାର୍ଚି ଦ୍ରାବିଡ ମୁନେତ୍ରା କାଜାଗାମ୍ ବୁଧବାର ଏକାଠି ହୋଇ ଗଣତନ୍ତ୍ରର ଆତ୍ମାକୁ ଶୋଷିନିଆଯାଇଥିବା ସମାଲୋଚନା କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଉତ୍ସବକୁ ବର୍ଜନ କରିବା ପାଇଁ ମିଳିତ ବିବୃତି ଜାରି କରିଥିବାବେଳେ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଯଦି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପାର୍ଲାମେଣ୍ଟର ନୂଆ କୋଠାକୁ ଉଦ୍‌ଘାଟନ କରିବେ ନାହିଁ ତେବେ ତାଙ୍କ ଦଳ ଏହି କାର୍ଯ୍ୟକ୍ରମରେ ଯୋଗଦେବ ନାହିଁ। ଇତିମଧ୍ୟରେ ସାମାଜିକ ଗଣମାଧ୍ୟମରେ ୨୦ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ବର୍ଜନ ଆହ୍ୱାନ ‘Boycott of #ParliamentBuilding opening’ ଟ୍ରେଣ୍ଡ୍ କରିବାରେ ଲାଗିଛି। ରାଜ୍ୟ ସଭାର ଟିଏମ୍‌ସି ନେତା ଡେରେକ୍ ଓ’ବ୍ରାଏନ୍ କହିଛନ୍ତି, ଏକଚ୍ଛତ୍ରବାଦୀ ସରକାର ସଂସଦୀୟ ପରମ୍ପରାକୁ ଧ୍ୱସ୍ତବିଧ୍ୱସ୍ତ କରୁଥିବାବେଳେ ଏହି ବର୍ଜନ ଡାକରା ଭାରତୀୟ ବିବିଧତା ଓ ବହୁଳବାଦ ଏହାର ଜବାବ। ଏକଦା ବିଶାଳ ସମାବେଶୀ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବେ କେବଳ ଭାଜପାରେ ସଙ୍କୁଚିତ ହୋଇଯାଇଛି। ସେହିପରି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ପାର୍ଲାମେଣ୍ଟର ନୂତନ କୋଠା ଉଦ୍‌ଘାଟନ କରାଯିବାର ଯଥାର୍ଥତା ସମ୍ପର୍କରେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ସରକାର-କାର୍ଯ୍ୟପାଳିକାର ମୁଖ୍ୟ, ବ୍ୟବସ୍ଥାପିକାର ନୁହନ୍ତି। କିନ୍ତୁ ରାଷ୍ଟ୍ରପତି ଭାରତୀୟ ସାଧାରଣତନ୍ତ୍ର ଓ ପାର୍ଲାମେଣ୍ଟ ମୁଖ୍ୟ ବୋଲି ସେ କହିଛନ୍ତି। ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ ମୋଦି ସରକାର ଆଦିବାସୀଙ୍କୁ ଅପମାନିତ କରିଥିବା ଦର୍ଶାଇ ମେ’ ୨୬ରେ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛି। ସଙ୍ଗଠନର ମୁଖ୍ୟ ଶିବାଜୀ ରାଓ ମୋଘେ ଏଆଇସିସି ମୁଖ୍ୟାଳୟରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହୋଇଛନ୍ତି। ରାଷ୍ଟ୍ରପତିଙ୍କ ପରିବର୍ତ୍ତେ ମୋଦି ଉଦ୍‌ଘାଟନ କରିବା ଗଣତନ୍ତ୍ର ପାଇଁ ଅପମାନ। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନ କରିବାକୁ କାହିଁକି ଦିଆଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲଙ୍କ ମତରେ ପାର୍ଲାମେଣ୍ଟ ହେଉଛି ଭାରତୀୟ ଗଣତନ୍ତ୍ରର ପ୍ରତୀକ। ଉକ୍ତ ଉତ୍ସବରେ ରାଷ୍ଟ୍ରପତିଙ୍କ ଅନୁପସ୍ଥିତି ଆମ ଗଣତନ୍ତ୍ରିକ ମୂଲ୍ୟବୋଧକୁ ନ୍ୟୂନ କରିଦେବ ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ବର୍ଜନ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅନୁରୋଧ କରିଛନ୍ତି। ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଭାରତର ଗର୍ବ ଭାବେ ଅଭିହିତ କରି ଉକ୍ତ ଐତିହାସିକ କାର୍ଯ୍ୟକ୍ରମରେ ବିରୋଧୀ ଖୋଲା ହୃଦୟରେ ସାମିଲ ହେବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ତାଙ୍କ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏଥିରେ ସାମିଲ ହେବା ନେଇ ଘୋଷଣା କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ପାର୍ଲାମେଣ୍ଟ ହେଉଛି ଦେଶର ସମ୍ପତ୍ତି, ଯାହାକି ଟିକସଦାତାଙ୍କ ଅର୍ଥରେ ନିର୍ମିତ। ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

## ରାଷ୍ଟ୍ରପତି ଉଦ୍‌ଘାଟନ...

ପ୍ରଧାନମନ୍ତ୍ରୀ ମୋଦି ନୂଆ ସଂସଦ ଭବନକୁ ଆସନ୍ତା ୨୮ରେ ଉଦ୍‌ଘାଟନ କରିବାକୁ ଯାଉଛନ୍ତି। ସମ୍ବିଧାନ ଅନୁସାରେ ପାର୍ଲାମେଣ୍ଟର ୩ ପ୍ରମୁଖ ଅଙ୍ଗ ହେଉଛନ୍ତି ଭାରତର ରାଷ୍ଟ୍ରପତି ଏବଂ ବ୍ୟବସ୍ଥାପିକାର ଦୁଇ ସର୍ବୋଚ୍ଚ ସଦନ ରାଜ୍ୟ ସଭା ଓ ଲୋକ ସଭା। ସମ୍ବିଧାନର ଅନୁଚ୍ଛେଦ ୮୭ ଅନୁସାରେ ସଂସଦର ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଉଭୟ ଗୃହକୁ ସମ୍ବୋଧନ କରିଥାଆନ୍ତି। କିନ୍ତୁ ଉଭୟ ଲୋକ ସଭା ସେକ୍ରେଟାରିଏଟ୍ ଓ ଭାରତ ସରକାର ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନୀ ସମାରୋହକୁ ନିମନ୍ତ୍ରଣ ନ କରି ଅପମାନିତ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ଉକ୍ତ ପିଟିଶନରେ ଉଲ୍ଲେଖ କରାଯାଇଛି।

## କଲେଜ ଛାତ୍ରୀଛାତ୍ରଙ୍କୁ...

ରାଜ୍ୟରେ ୨୦୧୬-୧୭ଠାରୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୧ପ୍ରତିଶତ ସୁଧ ହାରରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଋଣ ଯୋଗାଇ ଦିଆଯାଉଛି ଏବଂ ବଳକା ସୁଧର ଭାର ସରକାର ବହନ କରୁଛନ୍ତି। ମନ୍ତ୍ରୀ କହିଛନ୍ତି, ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମାଗଣା ଲାପ୍‌ଟପ ଯୋଗାଇଦେବା ନିମନ୍ତେ ମାର୍ଗଦର୍ଶିକାରେ ଥିବା ରାଜ୍ୟସ୍ତରୀୟକୁ ଜିଲା ଓ ମଣ୍ଡଳରେ ପରିବର୍ତ୍ତନ କରାଯାଇ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇଛି। ସର୍ବଭାରତୀୟ ସେବା ପରୀକ୍ଷା ନିମନ୍ତେ ଓଡ଼ିଆ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବର୍ଗର ୨୦୦ ମେଧାବୀ ବେସାମରିକ ସେବା ଆଶାୟୀମାନଙ୍କ ପାଇଁ ମାଗଣାରେ ତାଲିମ ବ୍ୟବସ୍ଥା ସହ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। ଶିକ୍ଷା କ୍ଷେତ୍ରରେ ପଛୁଆ ବ୍ଲକର ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ବିଶେଷ କରି ବିଜ୍ଞାନ ଡିଗ୍ରୀ ପାଠ୍ୟକ୍ରମରେ ପଢ଼ିବା ପାଇଁ ଆଶା ରଖିଥିବା ଛାତ୍ରୀଛାତ୍ରମାନଙ୍କ ଯତ୍ନ ନେବା ନିମନ୍ତେ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୦୦ରେ ଉଚ୍ଚଶିକ୍ଷା ନିମନ୍ତେ ବଜେଟ ବ୍ୟବସ୍ଥା ୪୭୩ କୋଟି ଥିବାବେଳେ ୨୦୨୩ ରେ ଏହା ୩,୭୭୩ କୋଟିକୁ ବୃଦ୍ଧି କରାଯାଇଛି। ଓଡ଼ିଆ ଭାଷାକୁ ପ୍ରୋତ୍ସାହନ ଦେବା ପାଇଁ ୨୦୧୬-୧୭ ମସିହାରୁ ସରକାର ୨୦ ହଜାର ଟଙ୍କା(ଏକକାଳୀନ) ୧୨୦୦ ସ୍ନାତକ ଏବଂ ୩୦୦ ସ୍ନାତକୋତ୍ତର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରୁଛନ୍ତି। ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ୨୦୧୯-୨୦ ମସିହାରୁ ବାର୍ଷିକ ୨୦ ହଜାର ଟଙ୍କା ଗୋପବନ୍ଧୁ ସହାୟତା ଯୋଜନାରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ବଜେଟରେ ପ୍ରତିବର୍ଷ ସରକାର ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା ରଖିଛନ୍ତି। କଳିଙ୍ଗ ଶିକ୍ଷା ସହାୟତା ଯୋଜନା ଅଧୀନରେ ଶିକ୍ଷା ଋଣ ନେଇଥିବା ଛାତ୍ରୀଛାତ୍ରମାନେ ୧% ସୁଧ ଦେଉଥିଲା ବେଳେ ସୁଧ ବାବଦକୁ ବଳକା ଅର୍ଥ ସରକାର ବହନ କରୁଛନ୍ତି। ନିୟୋଜନ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ପ୍ରତ୍ୟେକ ବର୍ଷ ୫୦ ହଜାର ଛାତ୍ରୀଛାତ୍ରମାନଙ୍କୁ ଚାକିରି ମେଳା ମାଧ୍ୟମରେ ଇର୍ଣ୍ଟର୍ନଶିପ୍ ଓ ଦକ୍ଷତା ବିକାଶ ତାଲିମ ନିଗମ ଏବଂ ଶିଳ୍ପ ଚୟନକାରୀ ସଂସ୍ଥାମାନଙ୍କ ମିଳିତ ସହଯୋଗରେ ପ୍ରଦାନ କରିବା ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗାୟିକା ଟିନା ଟର୍ନରଙ୍କ...

ଥିଲେ ସବୁଠୁ ଲୋକପ୍ରିୟ ଗାୟିକା। ଏସିଡ୍ କୁଇନ୍ ଭାବେ ସେ କେତେ ପିଢ଼ିଙ୍କ ପାଇଁ ସ୍ମରଣୀୟ ହୋଇ ରହିବେ। ୧୯୩୯ ନଭେମ୍ବର ୨୬ରେ ଜନ୍ମିତ ଟିନା ୧୯୫୭ରେ ଇକେ ଟର୍ନରଙ୍କ କିଙ୍ଗ୍‌ସ ଅଫ୍ ରାଇମ୍‌ରୁ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୮ରେ ତାଙ୍କ ପ୍ରଥମ ରେକର୍ଡ ‘ବକ୍ସଟପ୍’ ପ୍ରକାଶ ପାଇଥିଲା। ଇକେଙ୍କ ସହ ଟିନା ଅନେକ ଗୀତ ଗାଇ ଖ୍ୟାତି ଅର୍ଜନ କରିଥିଲେ। ୧୯୬୦ରେ ତାଙ୍କ ଗୀତ ‘ଏ ଫୁଲ୍ ଇନ୍ ଲଭ୍’ ହିଟ୍ ହୋଇଥିଲା। ଏହା ପରେ ସେ ଅନେକ ହିଟ୍ ମ୍ୟୁଜିକ୍ ଆଲବମ୍ ଭେଟିଦେଇଛନ୍ତି। ୮୦ ଦଶକରେ ତାଙ୍କର ଅନେକ ଗୀତ ଶୀର୍ଷ ୪୦ ମଧ୍ୟରେ ସାମିଲ ହୋଇଥିଲା। ୧୯୮୮ରେ ତାଙ୍କର ଏକ ଷ୍ଟେଜ୍ ଶୋ’ରେ ୧ ଲକ୍ଷ ୮୦ ହଜାର ଦର୍ଶକ ଯୋଗ ଦେଇଥିଲେ। ସେ ଗୀତ ଗାଇବା ସହ କେତେକ ଚଳଚ୍ଚିତ୍ରରେ ଅଭିନୟ ମଧ୍ୟ କରିଥିଲେ। ସଙ୍ଗୀତ କ୍ୟାରିୟରରେ ସଫଳତାର ଶୀର୍ଷ ଛୁଇଁଥିବା ଏହି ଗାୟିକାଙ୍କର ବ୍ୟକ୍ତିଗତ ଜୀବନ ଦୁଃଖମୟ ଥିଲା। ତାଙ୍କର ପ୍ରଥମ ବୈବାହିକ ଜୀବନ ବେଶୀଦିନ ତିଷ୍ଠି ନ ଥିଲା। ତାଙ୍କୁ ସ୍ୱାମୀ ଅକଥନୀୟ ନିର୍ଯାତନା ଦେଉଥିଲେ। ୨୦୧୩ରେ ସେ ଏର୍‌ୱିନ୍ ବାଚ୍‌କୁ ଦ୍ୱିତୀୟ ବିବାହ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କଲ୍ୟାଣ ଚନ୍ଦ୍ର ହେତୁ ଯାହା କରିବେ ନିର୍ବିଘ୍ନରେ ଫଳପ୍ରଦ ହେବ। କିନ୍ତୁ ଚୁ-ନାମାକ୍ଷର ବ୍ୟକ୍ତିଙ୍କ ମାନସିକ ସ୍ଥିତି ଦୁର୍ବଳ ରହିବ। ପାରିବାରିକ ସମସ୍ୟା,ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବୃଷ** ଶ୍ରୀଚନ୍ଦ୍ର ବୈଷୟିକ ଅଭିବୃଦ୍ଧିରେ ସହାୟକ ହେବା ସହ ଅତ୍ୟଧିକ ଭାବପ୍ରବଣତା କ୍ଷତି ସାଧନ କରିପାରେ। ଓ-ନାମାକ୍ଷର ବିବାଦୀୟ ସ୍ଥିତିରେ ନିଜର ପ୍ରାମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଶିଳ୍ପ, ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ହେବାର ଆଶଙ୍କା ରହିଛି।

**ମିଥୁନ** ରାଶିରେ ଶୁକ୍ର ଏକାଧାରରେ ସୁଖ, ସମ୍ପଦ କରିବାରେ ସମର୍ଥ ହୋଇପାରିବ। ଘ-ନାମାକ୍ଷର ରାହୁଙ୍କ କୁପ୍ରଭାବରେ ସମସ୍ୟାଦେଇ ଚଳିବାକୁ ବାଧହେବେ। ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ପରିସ୍ଥିତିରେ ଉନ୍ନତି ଘଟିବ। ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ।

**କର୍କଟ** ଡ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ଆଜି ଦିନ ଭିତରେ ବିଶେଷ କିଛି ଅସୁବିଧା ହେବନି। ଅସୁସ୍ଥତାବଶତଃ ଅଶ୍ଳେଷା ନକ୍ଷତ୍ରର କେତେକ କାମ ସ୍ଥଗିତ ରହିଯାଇପାରେ। ପରିସ୍ଥିତିକୁ ସାମନା କରିବାକୁ ଯାଇ ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡିବ। ବନ୍ଧୁଙ୍କ ସହ ଦେଖା କରିବାର ସୁଯୋଗ ପାଇବେ।

**ସିଂହ** ମଘା ନକ୍ଷତ୍ର ବ୍ୟକ୍ତିଙ୍କର କର୍ମକ୍ଷେତ୍ରରେ ବିଭିନ୍ନ ଅଭିଯୋଗ ଆସିପାରେ କିନ୍ତୁ ନିଜର ପ୍ରାଧାନ୍ୟତା ପୂର୍ବପରି ଅକ୍ଷୁଣ୍ଣ ରହିବ। ଦାୟିତ୍ୱହୀନ ଭାବରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରି ସମାଲୋଚିତ ହୋଇପାରନ୍ତି। ଫ୍ଲଟିଂ କାରବାର,ପରିବହନ, ପ୍ରଶାସନ, ମାଲିମକଦ୍ଦମା କ୍ଷେତ୍ର ଉନ୍ନତ ରହିବ।

**କନ୍ୟା** ଆଜି ସକାଳୁ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପୂ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଯାନ୍ତ୍ରିକ ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ନିଜ ପରିସରର ବ୍ୟକ୍ତିଙ୍କ ଅନୁରୋଧରେ ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା** ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକ ପ୍ରକାର ଖୁସି ହୋଇଯିବ। ତ-ନାମାକ୍ଷର ବ୍ୟକ୍ତିମାନଙ୍କ ସବୁ କାମ ବହୁ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିର ଫଳ ପାଇବା କାରଣରୁ ମନ ବିଚଳିତ ରହିବ। ମାତ୍ର, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୀ-ନାମାକ୍ଷର ବ୍ୟକ୍ତିମାନେ ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତ ହୋଇପାରନ୍ତି।

**ଧନୁ** ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ବଢ଼ିବା କାରଣରୁ ମାନସିକ ସ୍ଥିତି ବିଗିଡି ଯିବ। ଭି-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ। ପରିବହନରେ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧରେ ଅଂଶଗ୍ରହଣ କରିପାରନ୍ତି।

**ମକର** ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଖ-ନାମାକ୍ଷର ବ୍ୟକ୍ତିମାନଙ୍କୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**କୁମ୍ଭ** ଆଜି ବିନା ଆହ୍ୱାନରେ ଅନ୍ୟ ସକାଶେ ମଧ୍ୟସ୍ଥତା କରିବାକୁ ଯାଇ ଅପଦସ୍ଥ ହେବେ। ଯାତ୍ରା ଅଧାରୁ ଫେରି ଆସିବାକୁ ପଡ଼ିପାରେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ। ଘଟଣା ଚକ୍ରରେ ପଡି ମିଥ୍ୟା କହିବାକୁ ବାଧ ହେବେ ଓ ସମାଲୋଚିତ ହୋଇପାରନ୍ତି।

**ମୀନ** ଚ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ଅବଶ୍ୟ ବନ୍ଧୁଙ୍କଠାରୁ ସହାୟତା ପାଇ ସମସ୍ୟାର ମୁକାବିଲା କରିପାରିବେ। ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡ଼ିବ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ଶୁକ୍ରବାର, ମେ’ ୨୬ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୦୪ ଗତେ ଘ.୦୬।୫୬ ମଧ୍ୟେ, ଘ.୧୨।୦୯ ଗତେ ଘ.୦୨।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୪୩ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ବସ୍ କାଚ ଭାଙ୍ଗି ଜଣେ କୋର୍ଟ ଚାଲାଣ

ମାଲକାନଗିରି: ୨୫।୫(ଡି.ଏନ୍.ଏ.)- ବାଲିମେଳାରୁ ତେନ୍ତୁଳିଗୁମ୍ମା ଯାଉଥିବା ଓଏସ୍ଆର୍‌ଟିସି ବସ୍‌କୁ ଟେକା ମାରିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶରାଦାଗୁଡା ଗ୍ରାମର ଦେବା ମାଡକାମୀ । ଓଏସ୍ଆର୍‌ଟିସି ବସ୍ ଗତ ୨ ଦିନ ତଳେ ତେନ୍ତୁଳିଗୁମ୍ମାରୁ ବାଲିମେଳା ଅଭିମୁଖେ ଯାଉଥିବା ବେଳେ କୋଇଲିପାଲି ଛକଠାରେ ବସ୍ ପଛ ପଟୁ ଦେବା ପଥର ମାରିଥିଲେ। ଗାଡ଼ି ପଛପଟ କାଚ ଭାଙ୍ଗିଯିବାରୁ ଡ୍ରାଇଭର ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଗୁରୁବାର ଦେବାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

### ଫାଶ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାୟଗଡ଼ା,୨୫।୫(ସ୍ୱ.ପ୍ର.)-ରାୟଗଡ଼ା ସହର କସ୍ତୁରୀନଗର ୬ଷ୍ଠ ଗଳିର ଜଣେ ୨୫ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଯୁବକ ଜଣକ ହେଉଛନ୍ତି ପାଲି ଶ୍ରୀକାନ୍ତ(୨୫) । ସୂଚନା ଅନୁଯାୟୀ, ଶ୍ରୀକାନ୍ତ ବୁଧବାର ରାତିରେ ସାଇପ୍ରିୟାନଗରକୁ ମଝିଘରିଆଣୀଙ୍କ ପୂଜା ଦେଖିବାକୁ ଯାଇଥିଲେ। ସେଠାରେ ସେ ବିଳମ୍ବିତ ରାତିରେ ଫେରି ଘର ଉପର ମହଲାରେ ଥିବା ଅତିଥି ଗୃହରେ କବାଟ ବନ୍ଦକରି ଶୋଇ ପଡ଼ିଥିଲେ । ବାପା ମାଆ ତଳ ଘରେ ଶୋଇଥିଲେ । ତେବେ ଗୁରୁବାର ସକାଳେ ଶ୍ରୀକାନ୍ତ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନିଜ ରୁମ୍‌ରୁ ନ ବାହାରିବାରୁ ବାପାମାଆ ଉପରକୁ ଯାଇ ଉକ୍ତ ରୁମ୍‌ର କବାଟ ବାଡ଼େଇଥିଲେ। କିଛି ଉତ୍ତର ନ ମିଳିବାରୁ ଝରକା ଭାଙ୍ଗିଥିଲେ। ଦେଖିବା ବେଳେ ଶ୍ରୀକାନ୍ତଙ୍କ ଶରୀର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ଏନେଇ ପୋଲିସକୁ ଖବର ଦେବା ପରେ ରାୟଗଡ଼ା ଟାଉନ ଥାନା ଅତିରିକ୍ତ ଥାନା ଅଧିକାରୀ ଅମଲ ସର୍ଦ୍ଦାର ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି କୋଠରି କବାଟ ଖୋଲି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତେବେ ଏନେଇ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଶ୍ରୀକାନ୍ତ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ି ନାହିଁ।

### ଗଞ୍ଜେଇ ସହ ୨ କାର୍ ଜବତ, ୭ ଗିରଫ

କାଳିମେଳା,୨୫।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଳିମେଳା ପୋଲିସ ପକ୍ଷରୁ ବୁଧବାର ରାତିରେ ପାଟ୍ରୋଲିଂ ବେଳେ ୧୦୩ କି.ଗ୍ରା.ଚୋରା ଗଞ୍ଜେଇ ଜବତ କରାଯାଇଛି। ଏହି କାରବାରରେ ୭ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ବ୍ୟବହୃତ ହୋଇଥିବା ଦୁଇଟି କାର୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ସୂଚନା ଅନୁଯାୟୀ, କାଳିମେଳା ଥାନା କମଳାପଦର ଗାଁ ଛକ ନିକଟରେ ୨ଟି କାର୍ ଯୋଗେ ଗଞ୍ଜେଇ ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା କାଳିମେଳା ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସ ଯାଞ୍ଚ ବେଳେ କାର୍ ଭିତରେ ୪ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଘଟଣାସ୍ଥଳରୁ ୭ଜଣ ବ୍ୟକ୍ତିକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ହାଇଦ୍ରାବାଦ ଅଞ୍ଚଳର ବିଜୟ ନାୟକ, ତାମିଲନାଡୁର ଆର୍. ଶ୍ରୀନୁ ନାୟକ, ମହାରାଷ୍ଟ୍ର ଅଞ୍ଚଳର ବୁଲୁ ଯାଦବ, କାଳିମେଳା ଥାନା ଦୁଲାଗଣ୍ଡି ଗ୍ରାମର କେ. ଲକ୍ଷ୍ମଣ, ଆର୍. କାର୍ତ୍ତିକ, ଆଲୁଭା ରାଜୀବ ଏବଂ ଏନ୍. ଭେନୁଗୋପାଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଏହି ଗଞ୍ଜେଇଗୁଡିକ କୁର୍‌ମାନୁର ଅଞ୍ଚଳରୁ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ ।

# ବଣ୍ଡା ଜନଜାତିଙ୍କ ମୁଣ୍ଡବ୍ୟଥାର କାରଣ ୨୦୦୦ ଟଙ୍କିଆ ନୋଟ୍

ମାଲକାନଗିରି,୨୫।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଆଦିମ ଅଧିବାସୀ ତଥା ଘାଟି ଉପରର ବଣ୍ଡା ଜନଜାତିଙ୍କ ପାଇଁ ବର୍ତ୍ତମାନ ଅଡୁଆ ସାଜିଛି ୨୦୦୦ ଟଙ୍କିଆ ନୋଟ୍ । ବର୍ତ୍ତମାନ ଏହି ନୋଟ୍ ବଜାରରେ କେହି ନେଉ ନ ଥିବାରୁ ସମସ୍ୟାରେ ପଡ଼ିଛନ୍ତି ଲୋକେ। ଏବେ ହାଟକୁ ଆସି ହନ୍ତସନ୍ତ ହେଉଛନ୍ତି ଆଦିମ ଜନଜାତି ବଣ୍ଡାମାନେ। ଯାହା ରୋଜଗାର କରନ୍ତି ସେଥିରେ ତେଲଲୁଣର ସଂସାର ଚଳିଥାଏ। ବଣ୍ଡା ଲୋକେ ନିଜ ନିଜ ବାଡ଼ିରେ ଚାଷ କରିଥିବା ଶସ୍ୟ ଓ ପନିପରିବା ନେଇ ହାଟକୁ ଆସନ୍ତି, ପୁଣି ଏଠାରୁ ନିଜର ଆବଶ୍ୟକ ଜିନିଷପତ୍ର ନେଇ ଫେରନ୍ତି। କିନ୍ତୁ ଏବେ ୨ ହଜାର ଟଙ୍କିଆ ଅଚଳ ହେବାର ଖବର ପାଇବା ପରେ ଏମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏମାନେ ନିଜର ସ୍ୱଳ୍ପ ରୋଜଗାରରୁ ଯାହା କିଛି ସଞ୍ଚୟ କରିଛନ୍ତି, ସେଥିରେ ଅନେକ ବଣ୍ଡା ପରିବାରଙ୍କ ପାଖରେ କିଛି ୨୦୦୦ ଟଙ୍କିଆ ନୋଟ୍ ରହିଯାଇଛି। ବର୍ତ୍ତମାନ ଏହି ନୋଟ୍ ଅଚଳ ହେବାକୁ ଯାଉଥିବା ଖବର ପାଇବା ପରେ ଏହି ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ିଛି।


ବଣ୍ଡା ମହିଳାମାନେ ଧରିଥିବା ୨୦୦୦ ଟଙ୍କିଆ ନୋଟ୍ ।

ଜଣେ କି ୨ଜଣ ନୁହନ୍ତି, ଏକାଧିକ ବଣ୍ଡା ମହିଳା ହାତରେ ୨୦୦୦ଟଙ୍କିଆ ନୋଟ୍ ଧରି ମୁଦିଗୁଡ଼ା ହାଟକୁ ବଜାର କରିବାକୁ ଆସୁଥିବା ବେଳେ ହାଟରେ ଥିବା ବେପାରୀ ଏହି ନୋଟ୍ ନେବାକୁ ରାଜି ହେଉ ନାହାନ୍ତି। ଫଳରେ ଚିନ୍ତାରେ ପଡ଼ିଯାଇଛନ୍ତି ଏହି ଆଦିମ ଜନଜାତିର ଲୋକେ। ତେବେ ରିଜର୍ଭ ବ୍ୟାଙ୍କ ୨ହଜାର ଟଙ୍କିଆ ନୋଟ୍‌କୁ ବ୍ୟାଙ୍କରେ ଜମାକରିବାକୁ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ହାଟ ବଜାରରେ ବେପାର କରୁଥିବା ଛୋଟ ଛୋଟ ବ୍ୟବସାୟୀମାନେ ଆଉ ଗ୍ରାହକଙ୍କଠାରୁ ୨ ହଜାର ଟଙ୍କିଆ ନୋଟ୍ ନେଉନାହାନ୍ତି । ଏହି କାରଣରୁ ମହିଳାମାନେ ୨୦୦୦ ଟଙ୍କିଆ ଧରି ହାଟରେ ବୁଲୁଥିବା ଦେଖିବାକୁ ମିଳିଛି। ଅନେକ ବଣ୍ଡା ମହିଳା ତଥା ଏହି ଜନଜାତି ଲୋକ ଆଜି ସୁଦ୍ଧା ବ୍ୟାଙ୍କ ଦେଖିନାହାନ୍ତି। ତେଣୁ ବାଧ୍ୟହୋଇ ଅଦଳ ବଦଳ ପ୍ରଥାକୁ ଗ୍ରହଣକରି ବଣ୍ଡା ଲୋକେ ହାଟରୁ ବିଭିନ୍ନ ସଉଦା ନେଉଥିବା ଦେଖିବାକୁ ମିଳିଛି। ତେବେ ଏଭଳି ସ୍ଥଳେ ଆଦିମ ଜନଜାତିଙ୍କ ନିକଟରେ ତୁରନ୍ତ ବ୍ୟାଙ୍କ କର୍ମଚାରୀ ଓ ପ୍ରଶାସନ ପହଞ୍ଚି ଅଚଳ ହେବାକୁଥିବା ୨ ହଜାର ଟଙ୍କିଆ ନୋଟ୍ ବଦଳ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି ।

# ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଦେବଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ମାଲକାନଗିରି,୨୫।୫(ଡି.ଏନ୍.ଏ.)

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଦେବଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ମାଲକାନଗିରି ଜିଲା ସଦରରେ ଥିବା ସ୍ଥାନୀୟ ଏକ୍ସବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇ ଯାଇଛି। ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ଓ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ଏହା ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ଉତ୍କଳ ସମ୍ମିଳନୀ ସଭାପତି ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲା ଯୋଜନା ଓ ସମନ୍ୱୟ ଉପନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳାଇ, ଅଧ୍ୟକ୍ଷ ପଲିଟେକନିକ୍ ଇଞ୍ଜିନିୟର ଜ୍ଞାନେନ୍ଦ୍ର ରଞ୍ଜନ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟଅତିଥି ତଥା ନିମନ୍ତ୍ରିତ ଅତିଥିଗଣ ବିଦ୍ୟାଳୟ ପରିସରରେ ଥିବା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଦେବଙ୍କ ପ୍ରତିମୂର୍ତ୍ତି ଓ ଗାନ୍ଧୀ, ଗୋପବନ୍ଧୁ, ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ବାଘଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯିବା ପରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଗଣ ଉତ୍କଳ ପ୍ରଦେଶ ଗଠନ ନବ ଉତ୍କଳର ଗଠନରେ ମହାରାଜଙ୍କର ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ସମବେତ ଜନତା, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀଙ୍କୁ ଅବଗତ କରାଇଥିଲେ। ଶେଷରେ ଶିକ୍ଷକ ସମୀରକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଆଜୀବନ ସଦସ୍ୟ ରବୀନ୍ଦ୍ର କୁମାର ମହାରଣା ଓ ସମ୍ପାଦକ ଅଧ୍ୟାପକ ଅମିୟ କୁମାର ମହାନ୍ତ, ଏବିଇଓ ଗୌରାଙ୍ଗ ସଜ୍ଜନ, ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ର, ଜୀବନ କୁମାର ମହାନ୍ତି, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ କୁମାର ନାୟକ, ଜିଲା ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳ, ଶିକ୍ଷକ କବୀର ମୋହନ ବେହେରା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଦସ୍ୟ ଭାଗୀରଥି ରେଡ୍ଡୀ, ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ଜ୍ଞାନ ଚାନ୍ଦ ଜଗନ୍ନାଥ, ଗୋପୀ କୃଷ୍ଣ ପଟ୍ଟନାୟକ, ଆଶୋକ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।


ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଦେବଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ।

# ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ମାଲକାନଗିରି, ୨୫।୫(ଡି.ଏନ୍.ଏ.)

ପଞ୍ଚାୟତସ୍ତରରେ ନିଜ ସ୍ଥିତି ଦୃଢ କରିବା ଏବଂ କର୍ମୀମାନଙ୍କୁ ଏକଜୁଟ କରିବାରେ ବିଜୁ ଜନତା ଦଳ ଉଦ୍ୟମ ଆରମ୍ଭ କରିଛି। ଏହି କ୍ରମରେ କାଳିମେଳା ବ୍ଲକ ତାଣ୍ଡାବାଇ ପଞ୍ଚାୟତ ଏମ୍.ପି.ଭି- ୯୯ ଏବଂ ଏମ୍.ଭି -୭୯ ଗ୍ରାମକୁ ନେଇ ଏମ୍.ଭି -୭୯ଠାରେ ସ୍ୱତନ୍ତ୍ର ଉନୟନ ପରିଷଦ ଅଧ୍ୟକ୍ଷ ମାଲକାନଗିରି ତଥା ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆତ୍ମା ରାବା ଏବଂ କାଳିମେଳା ବ୍ଲକ ବିଜୁ ଯୁବ ସଭାପତି ମ୍ରିକାଙ୍କ ମଣ୍ଡଳଙ୍କ ନେତୃତ୍ୱରେ ଗୁରୁବାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ନେତାଗଣ ଯୋଗଦେଇ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦଳକୁ କିପରି ତୃଣମୂଳସ୍ତରରେ ସୁଦୃଢ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର ଅଞ୍ଚଳର ସମସ୍ୟା ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଯୁବ ନେତା ରାବା ।

ଏହାସହ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଜନପ୍ରିୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହିତ ବିଜୁ ଯୁବ ଓ ଛାତ୍ର ଜନତା ଦଳକୁ ସୁଦୃଢ କରିବା ପାଇଁ ଅତିଥି ମାନେ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ କାଳିମେଳା ବ୍ଲକ ତେଲେରାଇ ପଞ୍ଚାୟତ ସଭାପତି ପ୍ରେମାନନ୍ଦ ବାଛାର, କାଳିମେଳା ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ସଞ୍ଜୁ ସରକାର, ବିଜୁ ଯୁବ ଜନତା ଦଳ ଜିଲା ଉପସଭାପତି ଚିରଞ୍ଜିତ ବାଲା, କାଳିମେଳା ବ୍ଲକ ବିଜୁ ଛାତ୍ର ଜନତା ଦଳ ଯୁଗ୍ମ ସମ୍ପାଦକ ରାକେଶ ମଣ୍ଡଳ, ଯୁବ ନେତା ଆଶିଷ ବାଇନଙ୍କ ସମେତ ସ୍ଥାନୀୟ ଯୁବ ନେତାଗଣ ଉପସ୍ଥିତ ଥିଲେ।


କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ ।

### ଡଙ୍ଗା ବୁଡି ଘଟଣା: ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କୋରୁକୋଣ୍ଡା/ମାଲକାନଗିରି,୨୫।୫(ଡି.ଏନ୍.ଏ.)

ବାଲିମେଳା ଜଳଭଣ୍ଡାରରେ ବୁଧବାର ସନ୍ଧ୍ୟାରେ ଡଙ୍ଗା ବୁଡି ଘଟଣାରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ସକାଳେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡି ପଞ୍ଚାୟତ ଡାଇକ୍-୩ ଗ୍ରାମର ୩ଜଣ ବ୍ୟକ୍ତି ବାଲିମେଳା ଜଳଭଣ୍ଡାରରେ ଏକ ଦେଶୀ ଡଙ୍ଗା ଯୋଗେ ମାଛ ଧରିବାକୁ ଯାଇ ଫେରୁଥିବା ବେଳେ ଭୀଷଣ ପବନ ଓ ବର୍ଷା ଯୋଗୁ ଦେଶୀ ଡଙ୍ଗା ଓଲଟି ପଡିବାରୁ ହରି ସଗରିଆ, କୈଳାସ ନାୟକ ଓ କୃପା ବେନିଆପାଣିକୁ ଖସି ପଡ଼ିଥିଲେ। ତେବେ ଏମାନଙ୍କ ମଧ୍ୟରୁ ହରି ଓ କୈଳାସ କୌଶଳ କ୍ରମେ ପହଁରି କୁଳରେ ପହଞ୍ଚି ଥିବା ବେଳେ କୃପା ନିଖୋଜ ଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରଶାସନ ନିକଟରେ କୌଣସି ଖବର ନ ଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ କୃପାଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।

### ପୋଲ ପୁନଃ ନିର୍ମାଣ ପାଇଁ ପ୍ରମୁଖ ସଚିବଙ୍କୁ ଚିଠି

ମାଲକାନଗିରି,୨୫।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଅନେକ ପାହାଡ ପର୍ବତ ଘେରା ଅଞ୍ଚଳ ରହିଛି। ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକର ଅନେକ ସ୍ଥାନରେ ପକ୍କାରାସ୍ତା ନ ଥିବାରୁ ସାଧାରଣ ଜନତାଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି । ମାଲକାନଗିରି ଜିଲାରେ ଯେଉଁ ସବୁ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କାର୍ଯ୍ୟ ଚାଲିଛି । ସେଗୁଡିକ ବର୍ଷା ଋତୁ ପୂର୍ବରୁ ଶେଷ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି ଏକ ପତ୍ର ଲେଖିଛନ୍ତି । ତେବେ ସମ୍ପୃକ୍ତ ବିଭାଗ ଏହି କାର୍ଯ୍ୟକୁ କିପରି ତରାନ୍ୱିତ କରିବେ ଆଗାମୀ ଦିନରେ ଜଣାପଡିବ । ଏଥିସହ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମବେଡା ପଞ୍ଚାୟତ କୋୟାଗୁଡା ଗ୍ରାମକୁ ସଂଯୋଗ କରୁଥିବା ଏକ ନଦୀରେ ପୋଲ ଦୀର୍ଘ ବର୍ଷ ହେଲା ବନ୍ୟାରେ ନଷ୍ଟ ହୋଇଥିଲେ ମଧ୍ୟ ତାହା ଆଜିପର୍ଯ୍ୟନ୍ତ ପୁନଃ ନିର୍ମାଣ ହୋଇନାହିଁ। ଫଳରେ ସେହି ରାସ୍ତା ଦେଇ ସେହି ଅଞ୍ଚଳର ଅନେକ ଗ୍ରାମବାସୀ ବର୍ଷାଦିନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ମଧ୍ୟ ତୁରନ୍ତ ପଦକ୍ଷେପ ନେବାକୁ ଚିଠି ଲେଖିଛନ୍ତି ।

# ବିଡିଓଙ୍କ କୈଫିୟତର ଉତ୍ତର ରଖିଲେ ସରପଞ୍ଚ

- ଅଭିଯୋଗ ମିଥ୍ୟା କହିଲେ ସରପଞ୍ଚ
- ଭିଜିଲାନ୍ସ ତଦନ୍ତ ହେଲେ ବିଡିଓ ଦୋଷୀ ହେବେ
- ପିସି କାରବାର ହେଉନାହିଁ: ବିଡିଓ

ମାଲକାନଗିରି,୨୫।୫(ଡି.ଏନ୍.ଏ.)

ମାଲକାନଗିରି ବିଡିଓ ବୀରଲକ୍ଷ୍ମଣପୁର, ଗଙ୍ଗଲା, ସିନ୍ଧ୍ରିମାଳ ଓ ମାର୍କାପାଲୀ ସରପଞ୍ଚମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଅବହେଳା ସହ ଉନ୍ନୟନମୂଳକ କାମରେ ସହ ଯୋଗ ନ କରିବା, ଯନ୍ତ୍ରୀଙ୍କୁ ମିଥ୍ୟା ବିଲ୍ କରିବା ଭଳି ବିଭିନ୍ନ ଅଭିଯୋଗ କରି ବୁଧବାର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ଗୁରୁବାର ବୀରଲକ୍ଷ୍ମଣପୁର ସରପଞ୍ଚଙ୍କ ସହ ସିନ୍ଧ୍ରିମାଳ, ଗଙ୍ଗଲା ସରପଞ୍ଚ ସେମାନଙ୍କ ଉତ୍ତର ବିଡିଓଙ୍କୁ ଲିଖିତ ଆକାରରେ ଦେଇଛନ୍ତି। ବୀରଲକ୍ଷ୍ମଣପୁର ସରପଞ୍ଚ ନୀଳକଣ୍ଠ ଖୋଲା ଦର୍ଶାଇଛନ୍ତି, ନଳକୂପ ଖୋଳା କାର୍ଯ୍ୟରେ ନିମ୍ନମାନର ଯନ୍ତ୍ରାଂଶ ଖରିଦକରି ବହୁ ବିଳମ୍ବରେ ଦେଇଥିଲେ। ଏଥିରେ ଅର୍ଥ ହେରଫେର ହୋଇଥିବା ମୁଁ ଅଭିଯୋଗ କରିଥିଲେ ମଧ୍ୟ ଆପଣ କର୍ଣ୍ଣପାତ ନ କରିବାରୁ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି, କି ନାହିଁ ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ । ଯନ୍ତ୍ରୀମାନେ ନିଜ ମନ ଇଚ୍ଛା କାମ କରିବା ସହ ପିସି ଖାଉଛନ୍ତି। ଯନ୍ତ୍ରୀମାନଙ୍କୁ ସବୁ ବେଳେ ଆମେ ସହଯୋଗ କରି ଆସୁଥିଲେ ସୁଦ୍ଧା ଆମ୍ଭଙ୍କୁ ବେଖାତିର କରୁଛନ୍ତି।

ପଞ୍ଚାୟତ ନର୍ବାହୀ ଅଧିକାରୀମାନଙ୍କୁ ଆମ୍ଭେ ସବୁ ସମୟରେ ସହଯୋଗ କରୁଥିଲେ ମଧ୍ୟ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେଉଥିବା ଅମୃତ ସରୋବର କାର୍ଯ୍ୟ ଧିମେଇ ଯାଇଛି। ଏହାର ମୁଖ୍ୟ କାରଣ କାର୍ଯ୍ୟ କରିଥିବା ଶ୍ରମିକମାନେ ଠିକ୍ ସମୟରେ ତାଙ୍କ ପ୍ରାପ୍ୟ ପାଉ ନ ଥିବାରୁ ଏହି କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି, ତଥାପି କାର୍ଯ୍ୟ ଜାରି ରହିଛି। ମୋ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ୫୦ କି.ମି.ଦୂର ଅନ୍ୟ ଏକ ତମସା ପଞ୍ଚାୟତର ଦାୟିତ୍ୱ ଆପଣ ଦେଇଛନ୍ତି । ପିଇଓ କିପରି ଦୁଇଟି ପଞ୍ଚାୟତ ଦାୟିତ୍ୱ ତୁଲାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

ସରପଞ୍ଚ ଜନତାଙ୍କ ସେବା କରିବା ପାଇଁ ନିର୍ବାଚିତ ହୋଇଛନ୍ତି । କିନ୍ତୁ ନିଜେ ଠିକାଦାର କିମ୍ବା ଶ୍ରମିକ ଭାବେ କାମ କରିବେ ନାହିଁ। ଆପଣଙ୍କ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ସେହି କାର୍ଯ୍ୟରେ ଯଦି ଅବହେଳା ହେଲେ ସେଥିପାଇଁ ସରପଞ୍ଚ କାହିଁକି ଦାୟୀ ରହିବେ ବୋଲି ପ୍ରକାଶ କରଛନ୍ତି।

ଏ ବିଷୟରେ ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସରପଞ୍ଚମାନେ ଯେଉଁ ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା । ଏଠାରେ କୌଣସି ପିସି କାରବାର କରାଯାଉନାହିଁ। ସରପଞ୍ଚମାନେ କୌମସି କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଏହି ସବୁ ଅଞ୍ଚଳ ବୁଲି ଦେଖିଲେ ଏହାର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବିଡିଓ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ।


ବ୍ଲକକୁ ଆସିଥିବା ସରପଞ୍ଚମାନେ ।

# ଅଶ୍ଳୀଳ ଭିଡିଓ ଭାଇରାଲ ମାମଲା, ୨ କୋର୍ଟ ଚାଲାଣ

ମାଲକାନଗିରି,୨୫।୫(ଡି.ଏନ.ଏ.)

ମାଲକାନଗିରି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୨ ଜଣ ହେଲେ ଏମ୍‌ଭି-୯୦ ଗ୍ରାମର ସୁଜନ ପାଲ ଓ ତରୁଣ ରାୟ। ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଅଞ୍ଚଳର ୨୨ ବର୍ଷୀୟ ବିବାହିତା ମହିଳା ଜଣକ ସ୍ୱାମୀଙ୍କ ସହ ଭଡ଼ାଘରେ ରହୁଥିଲେ। ବାରିପଟେ ଏକ ପଲିଥିନ୍ ଦ୍ୱାରା ଗାଧୁଆଘର କରାଯାଇଥିଲା। ସେଠାରେ ଗାଧୋଇବା ବେଳେ ସୁଜନ ମୋବାଇଲରେ ଅଶ୍ଳୀଳ ଭିଡିଓ ଉଠାଇଥିଲେ। ସେହି ଭିଡିଓକୁ ମହିଳାଙ୍କ ନିକଟକୁ ପଠାଇ ଶାରୀରିକ ସମ୍ପର୍କ ରଖିବାକୁ ସୁଜନ କହିଥିଲେ। ଶାରୀରିକ ସମ୍ପର୍କ ନ ରଖିଲେ ଏହି ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ଅଶ୍ଳୀଳ ଭିଡିଓ ଭାଇରାଲ ଭୟରେ ମହିଳା ଜଣଙ୍କ ସୁଜନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ ହୋଇଥିଲେ। ଶାରୀରିକ ସମ୍ପର୍କ ରଖିବା ପରେ ସୁଜନକୁ ସେହି ଭିଡିଓ ଡିଲିଟ କରିବା ପାଇଁ କହିଥିଲେ ମଧ୍ୟ ଯୁବକ ଜଣକ ଶୁଣି ନ ଥିଲେ। ବାରମ୍ବାର ଏଭଳି ଭାବେ ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ। ମହିଳା ଜଣକ ମନା କରିବାରୁ ସେ ବ୍ଲାକ୍‌ମେଲ୍ କରିଥିଲେ। ଏହାପରେ ଗତ କିଛି ମାସ ତଳେ ସୁଜନ ମହିଳାଙ୍କୁ ନେଇ ଜୟପୁରର ଏକ ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣକ ବାରମ୍ବାର ବିରୋଧ କରିବା ପରେ ମଧ୍ୟ ସୁଜନ ବ୍ଲାକ୍‌ମେଲ୍ କରି ଚାଲିଥିଲେ। ସେ ମନା କରିଦେବାରୁ ଗତ କିଛିଦିନ ତଳେ ସେହି ଅଶ୍ଳୀଳ ଭିଡିଓକୁ ସୁଜନ ଓ ତରୁଣ ରାୟ ଭାଇରାଲ କରିଥିଲେ। ଏନେଇ ମହିଳା ଜଣକ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ମାମଲା ରୁଜୁକରି ବୁଧବାର ସୁଜନ ଓ ତରୁଣଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

# ଯୁବଗୋଷ୍ଠୀ, ବୁଦ୍ଧିଜୀବୀଙ୍କୁ ନେଇ ବୈଠକ

ମାଲକାନଗିରି,୨୫।୫(ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ତାମସା ପଞ୍ଚାୟତର ୬ ନଂ ୱାର୍ଡ ମାମାଉଳି ମନ୍ଦିର ପ୍ରାଙ୍ଗଣରେ ଯୁବ ଗୋଷ୍ଠୀ ଓ ଗ୍ରାମର ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ଯୁବ ଗୋଷ୍ଠୀଙ୍କ ସହ ବିଶେଷ ଭାବେ ଆଲୋଚନା କରିଛନ୍ତି। ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ, ଉତ୍ତମ ଶିକ୍ଷା, ଉତ୍ତମ ଆଚରଣ କରିବା ସହ ଗୁଣାତ୍ମକ ଶିକ୍ଷା ଲାଭକରି କିଭଳି ଏକ ସଫଳ ବ୍ୟକ୍ତି ହୋଇ ନିଷ୍ଠାପର, କର୍ତ୍ତବ୍ୟ ପରାୟଣ, ପରୋପକାରୀ ତଥା ଦାୟିତ୍ୱ ସମ୍ପନ୍ନ ହେବା ପାଇଁ ଯୁବ ଗୋଷ୍ଠୀଙ୍କୁ ମାଡକାମି ପରାମର୍ଶ ଦେଇଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଯୁବ ଗୋଷ୍ଠୀଙ୍କ ପାଠ ପଢା ପାଇଁ ଦୁଇଟି ପଙ୍ଖା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପଙ୍ଖା ଲାଗିଲେ ସନ୍ଧ୍ୟାରେ ପାଠ ପଢ଼ିବା ପାଇଁ ସୁବିଧା ହେବ।

ବୈଠକରେ ବୁଦ୍ଧିଜୀବୀଙ୍କ ବିଭିନ୍ନ ସମସ୍ୟା ସହ ବିଜୁ ଜନତା ଦଳର ସଂଗଠନ ଉପରେ ଆଲୋଚନା କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଡ.କାମରାଜ କବାସୀ, ଯୁବ ନେତା ଗାନ୍ଧୀ କୁମାର ପଣ୍ଡା, ନରେଶ ବାବୁ, ଗ୍ରାମ ପେଦାଦେବା ମାଡକାମୀ, ୱାର୍ଡ ସଭ୍ୟ ନାଗା କବାସୀ, ଝରାପଲ୍ଲୀ ସମିତି ସଭ୍ୟ ନରସିଙ୍ଗ ମାଡି, କେ. ରାହୁଲ, ବି. ବିଭୂତି ଭୂଷଣ, ଯୁବ ଗୋଷ୍ଠୀ ସଭାପତି ବିଜୟ କୁମାର ପଡ଼ିଆମୀ, ପାଣ୍ଡୁ ମାଡକାମୀ, ନନ୍ଦ କବାସୀ, ଇର୍ମା କବାସୀ ଓ ମନ୍ଦିର ପୂଜାରୀ ରାମ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା କରାଯାଉଛି ।

# ମୁଗ, ଚିନାବାଦାମ ମଣ୍ଡି ଉଦ୍‌ଘାଟିତ

ମାଲକାନଗିରି, ୨୫।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚାଷୀମାନଙ୍କଠାରୁ ରାଜ୍ୟ ସରକାର ମାର୍କଫେଡ ଜରିଆରେ ଗୁରୁବାର ମୁଗ ଓ ଚିନାବାଦାମ ଖରିଦ କରିବା ପାଇଁ ମଣ୍ଡିର ଉଦ୍‌ଘାଟ କରିଛନ୍ତି । ଏହି ଉପଲକ୍ଷେ ମାଲକାନଗିରି ସଦର ମହକୁମା ନିୟନ୍ତ୍ରିତ ବଜାର କମିଟି ପରିସରରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଉପ ନିର୍ଦ୍ଦେଶକ ହାୟଗ୍ରିବ ନନ୍ଦଗିରି, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକ, ମାର୍କଫେଡ କ୍ଷେତ୍ର ପରିଚାଳକ ପ୍ରଦୀପ କୁମାର ଭଟ୍ଟମିଶ୍ର, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ଓ ଚାଷୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ମଣ୍ଡି ଉଦ୍‌ଘାଟନ ହୋଇଥିଲ।

ମାଲକାନଗିରି ସଦର ମହକୁମା ଆର୍‌ଏମ୍‌ସି ମଣ୍ଡିରେ ୯୨ କୁଇଣ୍ଟାଲ ମୁଗ ଚାଷୀମାନେ ବିକ୍ରି କରିଥିବା ବେଳେ କୋରୁକୋଣ୍ଡା ମଣ୍ଡିରେ ୧୪୮ କୁଇଣ୍ଟାଲ ମୁଗ ଚାଷୀମାନେ ବିକ୍ରି କରିଛନ୍ତି । ଜିଲାରେ ମାଲକାନଗିରି କୋରୁକୋଣ୍ଡାକୁ ବାଦ ଦେଲେ ଏମ୍.ପି.ଭି. ୮୧, କାଳିମେଳା, ଭେଜାଙ୍ଗିବାଡା, ଚିତ୍ରାଙ୍ଗପାଲ୍ଲୀ, ମାରିବାଡାଠାରେ ମଣ୍ଡି ଖୋଲାଯିବ। ତେବେ ଚିନାବାଦାମ କୁଇଣ୍ଟାଲ ପ୍ରତି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୫୮୫୦ ଟଙ୍କା ହୋଇଥିବା ବେଳେ ମୁଗ କୁଇଣ୍ଟାଲ ପ୍ରତି ୭୭୫୫ ଟଙ୍କା ଧାର୍ଯ୍ୟ କରିଛନ୍ତି । ଜଣେ ଚାଷୀ ଏକର ପିଛା ଦୁଇ କୁଇଣ୍ଟାଲ ହିସାବରେ ଗୋଟିଏ ଦିନରେ ୨୫ କୁଇଣ୍ଟାଲ ମୁଗ ମଣ୍ଡିରେ ବିକ୍ରି କରିପାରିବେ। ସେହିପରି ପ୍ରତ୍ୟେକ ଚାଷୀ ଏକର ପିଛା ୬ କୁଇଣ୍ଟାଲ ହିସାବରେ ଗୋଟିଏ ଦିନରେ ୨୫ କୁଇଣ୍ଟାଲ ଚିନାବାଦାମ ମଣ୍ଡିରେ ବିକ୍ରି କରିପାରିବେ।


ମଣ୍ଡି ଉଦ୍‌ଘାଟନ କରାଯାଉଛି ।

**ସଂକ୍ଷେପରେ**

## ୪୦ଫୁଟ୍ ତଳକୁ ଖସିଲା ଟ୍ରକ୍

### ଡ୍ରାଇଭର ଗୁରୁତର, ଅଳ୍ପକେ ବର୍ତ୍ତିଲେ ୫ ଶ୍ରମିକ



ଉମରକୋଟ, ୨୫।୫(ସ୍ୱ.ପ୍ର.)-ଉମରକୋଟ ବ୍ଲକ ଭାସ୍କେଲ ଡ୍ୟାମ୍ ନିକଟରେ ଏକ ନଳକୂପ ଟ୍ରକ୍ ଓଲଟିବା ଫଳରେ ଟ୍ରକ୍ ଡ୍ରାଇଭର ଖାଣ୍ଡା ଗ୍ରାମର ଦୀନାକର ନେତାମ ଗୁରୁତର ଅଛନ୍ତି। ଟ୍ରକ୍‌ରେ କାମ କରୁଥିବା ପ୍ରାୟ ୫ ଜଣ ଶ୍ରମିକ ଟ୍ରକ୍‌ରୁ ଡେଇଁ ନିଜ ଜୀବନ ବଞ୍ଚାଇବାରେ ସଫଳ ହେଇଛନ୍ତି। ସୂଚନାନୁଯାୀ, ବୁଧବାର ମଧରାତ୍ରିରେ ଡ୍ୟାମ୍ ଅଞ୍ଚଳରେ ଯାନବାହନ ପ୍ରବେଶ ନିଷେଦ୍ଧ ଥିଲେ ମଧ ଏହି ଟ୍ରକ୍‌ଟି ଭିତରେ ପ୍ରବେଶ କରିଥିଲା। ୪୦ ଫୁଟ ଉପରକୁ ଯିବାପରେ ରାସ୍ତା ଉପରେ ଲୋକେ ମକା ଶୁଖାଇଥିବା ଦେଖି ଡ୍ରାଇଭର ଟ୍ରକ୍‌କୁ ପଛକୁ ତଳ ରାସ୍ତାକୁ ଖସାଇବାକୁ ଚେଷ୍ଟା କରିଥିଲେ। ଭାରସାମ୍ୟ ହରାଇ ଗାଡ଼ିଟି ଡ୍ୟାମ୍ ଗାର୍ଡୱାଲ ଭାଙ୍ଗି ପ୍ରାୟ ୪୦ ଫୁଟ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଯୋଗୁ ଡ୍ୟାମ୍‌ର ପ୍ରାୟ ୧୪ ଫୁଟ୍ ଗାର୍ଡ ୱାଲ ଭାଙ୍ଗିଯାଇଥିବା ଡ୍ୟାମ ଏସ୍‌ଡିଓ ରେଣୁକା ଠାକୁର ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭରଙ୍କୁ ନିକଟସ୍ଥ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଏସ୍‌ଡିଓ ରେଣୁକା ଠାକୁରଙ୍କୁ ପଚାରିବାରୁ ଉମରକୋଟ ଥାନାରେ ଏତଲା ଦିଆଯାଇଛି। ବିଭାଗ ପକ୍ଷରୁ ସ୍ଥାୟୀ ଜଗୁଆଳି ନ ଥିବାରୁ ନିଷିଦ୍ଧାଞ୍ଚଳରେ ବଡ଼ ବଡ଼ ଯାନବାହନ ପ୍ରବେଶ କରୁଛି ବୋଲି ସେ କହିଛନ୍ତି।

## କମ୍ୟୁନିଟି ହଲ୍ ଉଦ୍‌ଘାଟନ କଲେ ବିଧାୟକ



ଜୟପୁର, ୨୫।୫(ନି.ପ୍ର.)- ଜୟପୁର ସହର ଏମ୍‌ଜି ରୋଡ୍‌ସ୍ଥିତ ହଟ୍ଟକେଶ୍ୱର ମନ୍ଦିର ପରିସରରେ କମ୍ୟୁନିଟି ହଲ୍ ଉଦ୍‌ଘାଟନ ହୋଇଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଧାୟକଙ୍କ ପାଣ୍ଠିରୁ ଏହି ହଲ୍ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାଉନସିଲର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାର ୨ ଅଭିଯୁକ୍ତ ଗିରଫ

ଜୟପୁର, ୨୫।୫(ନି.ପ୍ର.)- ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେମାନେ ହେଲେ ଡଙ୍ଗାଗୁଡ଼ାର ପବନ ଗରଡ଼ା ଓ ରମିୟ ବାଘ। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତଙ୍କ ନାମରେ ଜୟପୁର ଟାଉନ ଥାନାରେ ଆପରାଧିକ ମାମଲା ରହିଥିଲା। ସେହିଦିନଠାରୁ ସେମାନେ ଫେରାର ଥିଲେ। ପୋଲିସ ଡଙ୍ଗାଗୁଡ଼ାର ଚଢ଼ାଉକରି ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ସୂଚନା ଦେଇଛି।

## ବଜ୍ରପାତରେ ଯୁବକ ମୃତ

ନନ୍ଦାହାଣ୍ଡି/ତେନ୍ତୁଲିଖୁଣ୍ଟି, ୨୫।୫, (ଡି.ଏନ.ଏ.) - ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଝାଡବନ୍ଧଗୁଡ଼ା ପଞ୍ଚାୟତ ଅଧୀନ ଲଙ୍ଗଳାଅଟାଳ ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲଙ୍ଗଳାଅଟାଳ ଗ୍ରାମର ଅଜିତ ମୁଦୁଲି। ଅଜିତ ପ୍ରତିଦିନ ଭଳି ଏକ କିଲୋମିଟର ଦୂରରେ ଥିବା କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକକୁ ମଜୁରୀ କାମ କରିବାକୁ ଯାଇଥିଲେ। କାମସାରି ଆସିବାବେଳକୁ ବଜ୍ରପାତ ଘଟିଥିଲା। ଏଥିରେ ଅଜିତ ଅଚେତ ହୋଇପଡ଼ିଥିଲେ। ପାଖ ଜମିରେ କାମ କରୁଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ, ଅଜିତ ୧୫ ବର୍ଷ ପୂର୍ବେ ଦଶମନ୍ତପୁର ବ୍ଲକର ଗିରଲିଗୁମା ଗ୍ରାମରୁ ଆସି ଲଙ୍ଗଳାଅଟାଳ ଗ୍ରାମରେ ଘରଜ୍ୱାଇଁ ଭାବେ ରହୁଥିଲେ। ପରିବାରେ ଅଜିତଙ୍କ ସ୍ତ୍ରୀ, ୨ ଝିଅ ଅଛନ୍ତି। ଏ ନେଇ ଖାତିଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# କୁଆପଥର ମାଡ଼ରେ ଧାନ ଫସଲ ନଷ୍ଟ

ଜୟପୁର,୨୫।୫(ନି.ପ୍ର.)

ଜୟପୁର ତହସିଲର କୁମୁଲିପୁଟ ଓ ରଣ୍ଡାପାଲ୍ଲୀ ପଞ୍ଚାୟତରେ କୁଆପଥର ମାଡ଼ରେ ଧାନ ଫସଲ ନଷ୍ଟ ହୋଇଛି। ବୁଧବାରର କୁଆପଥର ବର୍ଷାରେ ଧନ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଭାଙ୍ଗି ପଡିଛନ୍ତି। କୁଆପଥର ମାଡ଼ରେ ଧାନ ଅମଳ ହେଉଥିବା ଧାନ ନଷ୍ଟ ହୋଇଛି। ଏନେଇ ସାମାଜିକ କର୍ମୀ ବି. ହରି ରାଓଙ୍କ ନେତୃତ୍ୱରେ ଚାଷୀମାନେ ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ କେଉଁ ଅଞ୍ଚଳରେ କେତେ ପରିମାଣରେ ଧାନ ଗଛ ନଷ୍ଟ ହୋଇଛି ତାହା ଆକଳନ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ରର ନକଲ କୋରାପୁଟ ଜିଲାପାଳଙ୍କୁ ପଠାଯାଇଛି। ସୂଚନାପାଇ ଜୟପୁର ତହସିଲଦାର ସାଗରିକା ଷଡ଼ଙ୍ଗୀ ଯାଇ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଜୟପୁର ତହସିଲଦାର ସାଗରିକା ଷଡ଼ଙ୍ଗୀଙ୍କୁ ପଚାରିବାରୁ ରଣ୍ଡାପାଲ୍ଲୀ, ଜୟନ୍ତୀଗିରି, କୁମୁଲିପୁଟ, ଉମୁରି ଆଦି ଅଞ୍ଚଳରେ କୁଆପଥର ମାଡ଼ ହୋଇଛି। କ୍ଷେତ୍ର ପରିଦର୍ଶନ କରି ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଆର୍‌ଆଇ ଓ ଭିଏଲ୍‌ଡବ୍ଲ୍ୟୁର ମିଳିତ ଆକଳନ କରି ରିପୋର୍ଟ ଆସିବା ପରେ ପ୍ରଶାସନକୁ ଜଣାଯିବ ବୋଲି କହିଛନ୍ତି। ରଣ୍ଡାପାଲ୍ଲୀ ପଞ୍ଚାୟତରେ ୨ଟି ଘର ଭାଙ୍ଗିଥିବା ଜଣାପଡ଼ିଛି।



ତହସିଲଦାର କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

# ଭାଇଙ୍କୁ ମାରିଦେଲା ଭାଇ

ତେନ୍ତୁଲିଖୁଣ୍ଟି, ୨୫।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଖାତିଗୁଡ଼ା ଥାନା ଅଞ୍ଚଳରେ ସମ୍ପର୍କୀୟ ଭାଇଙ୍କ ଗୋଇଠା, ମୁଥ ମାଡ଼ରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମନ୍ଦାର ଜାନୀ (୪୫)। ଏହାପରେ ଅଭିଯୁକ୍ତ ଭାଇ ଗଙ୍ଗାଧର ଜାନୀ ଫେରାର ଅଛନ୍ତି। ପୋଲିସ ୩୦୨ ଦଫା ଲଗାଇଛି। କେସ୍ ନଂ. ୪୪/୨୩ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଏତଲା ଅନୁଯାୟୀ, ଗଙ୍ଗାଧରଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବାରୁ ତାଙ୍କୁ ତେନ୍ତୁଲିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କୁ ଜଗିବାକୁ ଗଙ୍ଗାଧର ମନ୍ଦାରଙ୍କୁ କହିଥିଲେ। କିନ୍ତୁ ସେ ନ ଜଗି ଚାଲିଯାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଗଙ୍ଗାଧର ରାଗରେ ମନ୍ଦାରଙ୍କୁ ଗୋଇଠା, ବିଧା ଆଦି ମାରିଥିଲେ। ଏଥିରେ ମନ୍ଦାରଙ୍କ ମୃତ୍ୟୁ ହୋଇଯାଇଛି। ଏ ନେଇ ସମ୍ପର୍କୀୟ ଭାଇ ରାମଚନ୍ଦ୍ର ଖାତିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ମାମଲା ରୁଜୁ କରିଛି। ଥାନାଧିକାରୀ ଦୀପକ ଲେଙ୍କା ଘଟଣାର ତଦନ୍ତ କରୁଛନ୍ତି।

# ଗାଧୋଇବାବେଳେ ବୁଡ଼ିଯାଇ କଲେଜ ଛାତ୍ର ମୃତ

ନବରଙ୍ଗପୁର,୨୫।୫(ବି.ପ୍ର.)

ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ ଜଣେ କଲେଜ ଛାତ୍ର। କିନ୍ତୁ ଘରକୁ ଫେରିଲା ମୃତଦେହ। ଏପରି ଦୁଃଖଦ ଘଟଣା ନବରଙ୍ଗପୁର ସହରରେ ଘଟିଛି। ମୃତକ ହେଲେ ଇଚ୍ଛାବତୀଗୁଡା ଅଞ୍ଚଳର ଏସ୍.ଚାଲାମଙ୍କ ଯୁକ୍ତ ଦୁଇ କଲେଜ ପଢୁଆ ଏକମାତ୍ର ପୁଅ ଏସ୍.ମୁରଲୀ କ୍ରିଷ୍ଣା।

ମୁରଲୀ ଗୁରୁବାର ୨ସାଙ୍ଗଙ୍କ ସହ ଇନ୍ଦ୍ରାବତୀ ନଦୀରେ ଥିବା ଚ୍ୟାକ ଡ୍ୟାମକୁ ଗାଧେଇବାକୁ ଯାଇଥିଲେ। ଗାଧେଇବାବେଳେ ଅସାବଧାନତା ବଶତଃ ଗଭୀର ପାଣିକୁ ଚାଲିଯାଇ ନିଖୋଜ ହୋଇଯାଇଥିଲେ। ସାଙ୍ଗରେ ଥିବା ବନ୍ଧୁମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମକର୍ତ୍ତା ଅଧଘଣ୍ଟାକାଳ ଖୋଜାଖୋଜି କରି ଏସ୍.ମୁରଲୀଙ୍କୁ ପାଣି ଭିତରୁ ଖୋଜି ବାହାର କରିଥିଲେ। ନିଖୋଜ ମୁରଲୀଙ୍କୁ ଉଦ୍ଧାର ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଖବର ପ୍ରଚାରିତ ହେବାପରେ ସହରରେ ଶୋକ ର ଛାୟା ଖେଳି ଯାଇଛି । ମୃତ ମୁରଲୀ ମା ବାପାଙ୍କ ଏକମାତ୍ର ପୁଅ।

# ପ୍ରବଚକଙ୍କ ବିରୋଧରେ ଥାନାରେ ଏତଲା

ଉମରକୋଟ, ୨୫।୫(ସ୍ୱ.ପ୍ର.)

ପ୍ରବଚକ ଧୀରେନ୍ଦ୍ର ଶାସ୍ତ୍ରୀ କଲାର ସମାଜକୁ ଆକ୍ଷେପକରି ଅସଭ୍ୟ ଭାଷାରେ ମନ୍ତବ୍ୟ ଦେଇଥିବାରୁ ଜିଲା କଲାର ସମାଜ ଥାନାର ଦ୍ୱାରସ୍ଥ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ସହ ଗିରଫ ଦାବି କରିଛନ୍ତି। ଉମରକୋଟ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

ବାଗେଶ୍ୱର ଧାମ ପ୍ରବଚକ ଧୀରେନ୍ଦ୍ର ଶାସ୍ତ୍ରୀ କଲାର ସମାଜ ଇଷ୍ଟ ଦେବତା ଭଗବାନ ଶ୍ରୀ ଶ୍ରୀ ସହସ୍ରୀ ଅର୍ଜୁନଙ୍କ ଉପରେ ଅସଭ୍ୟ ଭାଷା, ଅଶାଳୀନ ମନ୍ତବ୍ୟ ଓ ଆପତ୍ତି ଜନକ ଟିପ୍ପଣୀ ଦେଇ ସମାଜର ଆଶା ଓ ବିଶ୍ୱାସ ଉପରେ କୁଠାରାଘାତ କରିଛନ୍ତି। ସେ ସମାଜକୁ କ୍ଷମା ପ୍ରାଥନା କରନ୍ତୁ ବୋଲି ଏତଲାରେ ଦର୍ଶାଯାଇଛି। ଜିଲା କଲାର ସମାଜ ସଭାପତି ରାମନାଥ କଲାରଙ୍କ ନେତୃତ୍ୱରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ପ୍ରବଚକଙ୍କ ବିରୋଧରେ ଲିଖିତ ଆକାରରେ ଉମରକୋଟ ଥାନାରେ ଏତଲା ଦେଇଛନ୍ତି। ଧୀରେନ୍ଦ୍ର ଶାସ୍ତ୍ରୀଙ୍କୁ ଜେଲ ହାଜତକୁ ପଠାଇବା ପାଇଁ ଦାବି କରିଛନ୍ତି। ଏହି ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କଲାର ସମାଜ ସଭାପତି ସୂଚନା ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ଜିଲା ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣ୍ଡେ, ରବିସିଂ ପାଣ୍ଡେ, ଦୃଷିଲା ନାୟକ, ଦୁର୍ଜନ ନାୟକ, ପୀତାମ୍ବର ବିଷୋୟୀ, ରବିସିଂ ନାୟକ, କୈଳାସ ମାଝି,ପିଣ୍ଟୁ ମାଝିଙ୍କ ସହ ସମାଜର ଅନ୍ୟ ପଦାଧିକାରୀ ଓ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



କଲାର ସମାଜ ସଦସ୍ୟମାନେ ଏତଲା ଦେଉଛନ୍ତି।

## ରଥ ମହାରଣାଙ୍କୁ ନିମନ୍ତ୍ରଣ



ଉମରକୋଟ, ୨୫।୫(ସ୍ୱ.ପ୍ର.)

ଉମରକୋଟରେ ରଥ ନିର୍ମାଣ କାର୍ଯ୍ୟ ପାଇଁ ରଥ ମହାରଣାଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦିର ଦେବୋତ୍ତର କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଛି। କମିଟି ସମ୍ପାଦକ ରାମ ନାୟକଙ୍କ ସହ ମନ୍ଦିର କମିଟି ସଭ୍ୟ ଟୁଲୁ ସାହୁ, ସୁରେଶ ବଣୁଆ ଓ ମନ୍ଦିରର ପୂଜକ ଲାଲୁ ମିଶ୍ର ଗୁରୁବାର କାମରାଜୁ ମହାରଣାଙ୍କ ଘରକୁ ଯାଇ ନିମନ୍ତ୍ରଣ କରିଥିଲେ। ମହାରଣାଙ୍କୁ ମନ୍ଦିର କମିଟି ପକ୍ଷରୁ ଫୁଲ, ଚନ୍ଦନ, ନଡ଼ିଆ, ମିଠା,କଦଳୀ ଦେବା ସହ ଉପଢୌକନ ପ୍ରଦାନ ପୂର୍ବକ ନିମନ୍ତ୍ରଣ କରାଯାଇ ଥିଲା।

# ଭତ୍ତା ଟଙ୍କା ଥିବା ବ୍ୟାଗ ନେଇଗଲେ ଦୁର୍ବୃତ୍ତ

ନବରଙ୍ଗପୁର,୨୫।୫(ବି.ପ୍ର.)

ପଞ୍ଚାୟତବାସୀ ଙ୍କୁ ସରକାର ଯୋଗାଇ ଦେଉଥିବା ଭତ୍ତା ଟଙ୍କା ବ୍ୟାଙ୍କରୁ ଉଠାଇ ବାଇକରେ ଟାଙ୍ଗିଥିଲେ ଯୋଗାଣ ସହାୟକ। କିନ୍ତୁ ସାମାନ୍ୟ ଅସାବଧାନତା ଯୋଗୁ ଟଙ୍କା ଗାଏବ କରିଦେଲେ ଦୁର୍ବୃତ୍ତ। ଏଭଳି ଘଟଣା ଘଟିଛି ନବରଙ୍ଗପୁର ସହର ଚାଉଁରିଆଗୁଡ଼ାରେ। ଯୋଗାଣ ସହାୟକ ନବରଙ୍ଗପୁର ପୋଲିସକୁ ଜଣାଇବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।

ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ ଦେଓପାଲି ପଞ୍ଚାୟତର ଯୋଗାଣ ସହାୟକ ଅନୀଲ କୁମାର ହରିଜନ ଗୁରୁବାର ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ଆକ୍ସିସ ବ୍ୟାଙ୍କ ଶାଖାରୁ ଲୋକଙ୍କ ଭତ୍ତା ୯୪ ହଜାର ୧୦୦ ଟଙ୍କା ଉଠାଇଥିଲେ । ସେ ତାଙ୍କ ଜଣେ ସମ୍ପର୍କୀୟଙ୍କ ସହିତ ବାଇକ୍‌ରେ ଯିବାବେଳେ ଗାଡ଼ି ଚକା ପଙ୍କଚର ହେଇଥିଲା। ମରାମତି ପାଇଁ ସେ ଚାଉଁରିଆଗୁଡ଼ା ର ଏକ ଟାୟାର ଦୋକାନକୁ ଯାଇଥିଲେ । ଏହି ସମୟରେ ତାଙ୍କୁ ଫୋନ୍ କଲ୍ ଆସିଥିଲା। ଫୋନ୍‌ରେ କଥା ହେବାବେଳେ ଟଙ୍କା ବ୍ୟାଗକୁ ବାଇକ ହ୍ୟାଣ୍ଡେଲରେ ଟାଙ୍ଗି ଦେଇ କିଛି ପାଦ ଆଗକୁ ଚାଲିଯାଇଥିଲେ। ପ୍ରାୟ ୫ ମିନିଟ କଥା ହୋଇ ବାଇକ ପାଖକୁ ଆସି ଟଙ୍କା ବ୍ୟାଗ ନ ଥିବା ଦେଖିବାକୁ ପାଇ ନ ଥିଲେ। ଏ ନେଇ ସେ ତୁରନ୍ତ ନବରଙ୍ଗପୁର ଟାଉନ ଥାନାକୁ ଜଣାଇଥିଲେ।

# ଦେବ ଦମ୍ପତିଙ୍କ ବିବାହ, ଶୀତଳ ଷଷ୍ଠୀ

ଉମରକୋଟ/କୋରାପୁଟ/ଦାମନଯୋଡି, ୨୫।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ଶୀତଳ ଷଷ୍ଠୀ ଉପଲକ୍ଷେ ନବରଙ୍ଗପୁର ଓ କୋରାପୁଟ ଜିଲା ଉତ୍ସବମୁଖର ହୋଇଛି। ଏଥିପାଇଁ ସବୁଠି ଆଧ୍ୟାତ୍ମିକତା ବାତାବରଣ ଦେଖାଦେଇଛି।

ଉମରକୋଟ ଗୁଳିପାଟଣା ସାହିସ୍ଥିତ ବାବା ବୈଦ୍ୟନାଥ ମନ୍ଦିରରେ ମହାଆଡ଼ମ୍ବରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଶିବ ଓ ପାର୍ବତୀଙ୍କ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା ପରେ କନ୍ୟା ପିତା ମିତ୍ର କୁମାର ଶର୍ମାଙ୍କ ଘରେ ପୁରୋହିତ ଲକ୍ଷ୍ମୀ ଚରଣ ତ୍ରିପାଠି ଓ ବର ପକ୍ଷରୁ ପୁରୋହିତ ପେଣ୍ଡ୍ରା ପ୍ରସାଦ ତ୍ରିପାଠୀ ନିର୍ବନ୍ଧ କାର୍ଯ୍ୟ ସାରିଥିଲେ। ବୁଧବାର ଉମରକୋଟ ଦାଢିଗୁଡାସ୍ଥିତ ସୁଶିଳା ଶର୍ମା ଓ ମନୋଜ କୁମାର ଶର୍ମାଙ୍କ ଘରେ ବରଙ୍କଚ ସଜାଯାଇଥିଲା। ଏହାପରେ ଡିଏନକେ ସ୍ଥିତ ଡାକ ବଙ୍ଗଳାରୁ ସନ୍ଧ୍ୟା ୫ଟାରେ ବରଯାତ୍ରୀ ବାହାରି ଗୁଳିପାଟଣାସ୍ଥିତ ବାବାବୈଦ୍ୟନାଥ ମନ୍ଦିରରେ ପହଞ୍ଚି ଥିଲେ। ରାତି ୯.୪୫ରେ ବିବାହ କାର୍ଯ୍ୟ କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ପ୍ରାୟ ୫୦୦୦ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରାଧକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ରାଇଘର ବ୍ଲକ ଅଧକ୍ଷା ନବିନା ନାୟକ, ବିଜେଡିର ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରମେଶ ଚନ୍ଦ୍ର ସାହୁ, ପି.ରାବଣା ରାଓ,ଝାଡେଶ୍ୱର ମହାନ୍ତି ଓ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦର ସମସ୍ତ ସଦସ୍ୟ ଟୁଲୁ ସାହୁ,ବିଷ୍ଣୁ ପଟ୍ଟନାୟକ,ମହେନ୍ଦ୍ର ଦାସ, ଟୁନା ନାୟକ, କୁନା ନାୟକ ଉପସ୍ଥିତ ଥିଲେ। ମନ୍ଦିର କମିଟି ସଭାପତି କମିଟି ଜୟଦେବ ପରିଡ଼ା, ସମ୍ପାଦକ ଦଣ୍ଡପାଣି ଖାଡଙ୍ଗା, କୋଷାଧକ୍ଷ ନିରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି। ସତ୍ୟସାଇ ସେବା ସମିତି, ଗାୟତ୍ରୀ ପରିବାର, ଏସ୍‌ଏଚ୍‌ଜି ମହିଳା ଏଥିରେ ସହଯୋଗ କରିଥିଲେ।

କୋରାପୁଟ ସହରର ଆଖଣ୍ଡଳମଣୀ, ପୁଜାରୀପୁଟ ଶିବ ମନ୍ଦିର, ଓଏମପି ନିଳକଣ୍ଠେଶ୍ୱର, ଟିକିରାସାହି ନିକଟ ସିଦ୍ଧେଶ୍ୱର ମନ୍ଦିର, ଶାବର ଶ୍ରୀକ୍ଷେତ୍ରର ଶିବ ମନ୍ଦିରରେ ଶିବ ବିବାହ କରାଯାଇଚି। ସିଦ୍ଧେଶ୍ୱର ତଥା ରାଉଲି ଶିବ ମନ୍ଦିରରେ ସିଦ୍ଧେଶ୍ୱର ମହାଦେବ ଓ କନକଦୁର୍ଗାଙ୍କ ବିବାହ କାର୍ଯ୍ୟ ବୁଧବାର ବିଳମ୍ବିତ ରାତ୍ରରେ ହୋଇଛି। ବରପିତା ଭାବେ ବ୍ରଜକିଶୋର ଦାସ ଓ କନ୍ୟାପିତା ଭାବେ ଲଳିତ ମୋହନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ଶତାଧିକଭକ୍ତ ଦେବ ଦମ୍ପତିଙ୍କ ବିବାହରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟ ସିଦ୍ଧେଶ୍ୱର ମନ୍ଦିରର ମୁଖ୍ୟ ପୁଜକ ବିପ୍ର ତ୍ରିପାଠୀଙ୍କ ସହ ଅନ୍ୟ ପୁଜକମାନେ ଉପସ୍ଥିତ ରହିବିବାହ କାର୍ଯ୍ୟ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ଭୋଜିର ଆୟୋଜନ ମନ୍ଦିର ପରିଚାଳନା କମିଟି ପକ୍ଷରୁ କରାଯାଇଥଲା । ସେହିପରି ସହରର ପୁଜାରିପୁଟ ଶିବ ମନ୍ଦିର, ଓଏମପି ଶିବ ମନ୍ଦିର ଆଦିରେ ମହାସମାରୋହରେ ଶିବ ବିବାହ କାର୍ଯ୍ୟକ୍ରମ କରାଯାଇଛି।

ନାଲ୍‌କୋ ଦାମନଯୋଡ଼ି ଉପକଣ୍ଠ ଭେଜାପୁଟ ସିଦ୍ଧେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ଓ ଶିବବିବାହ ପାଳନ କରାଯାଇଛି। ବୁଧବାର ଶିବପାର୍ବତୀଙ୍କ ବିବାହ କରାଯାଇଥିଲା। ନାଲ୍‌କୋର ଶ୍ରମିକ ନେତା ଆଲୋକ ଚନ୍ଦ୍ର ଚୌଧୁରୀ ସ୍ତ୍ରୀ ପ୍ରୀତିପଦ୍ମା ଚୌଧୁରୀ ବରପିତା ମାତା ଦାୟିତ୍ୱ ତୁଲାଇଥିଲେ। ଭେଜାପୁଟ ସତ୍‌ସଙ୍ଗ ନିବାସୀ ସଦାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ପାର୍ବତୀଙ୍କ ପିତାମାତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଶ୍ରୀଧର ଦାଶ, ମନ୍ଦିର ପୂଜକ ମାନସ ଦାଶ, ଦେବରଞ୍ଜନ ଦାଶ, ସନ୍ତୋଷ ଦାଶ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦାମନଯୋଡ଼ି ପୋଲିସ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ୨ଦିନ ଧରି ଚାଲିଥିବା ଏହି ଉତ୍ସବକୁ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ସରୋଜ ସ୍ୱାଇଁ, ସୌଭାଗ୍ୟ ବସ୍ତିଆ, ପ୍ରଭୁଚରଣ ସାହୁ, ଉପେନ୍ଦ୍ର ପାଣିଗ୍ରାହୀ, ଶ୍ରୀଚରଣ ପଡ଼ିହାରୀ, ଅରୁଣ ବେହେରା, ବାବୁଲି ସ୍ୱାଇଁ, ପ୍ରଭାତ ସାମଲ, କେ.ସରସ୍ୱତୀ ପଟ୍ଟନାୟକ, କୈଳାସ ମହନ୍ତଙ୍କ ସମେତ ସିଦ୍ଧେଶ୍ୱର ବଣିକ ସଂଘ, ଦାମନଯୋଡ଼ିର ବିଭିନ୍ନ ସଙ୍ଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଭେଜାପୁଟ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।





ସିଦ୍ଧେଶ୍ୱର ଶିବ ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ ଚାଲିଛି। ଦାମନଯୋଡି ଶିବମନ୍ଦିରରେ ଉତ୍ସବର ମାହଲ ।

# ବାଇକ୍ ଚୋରି, ଲୁଟ୍ ଘଟଣାରେ ୨ଜଣଙ୍କୁ କୋର୍ଟ ଚାଲାଣ

ନବରଙ୍ଗପୁର, ୨୫।୫(ବି.ପ୍ର.)



ବାଇକ୍ ଚୋରି ଓ ଲୁଟ୍ ଘଟଣାରେ ନବରଙ୍ଗପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ୨ ଜଣ ନାବାଳକ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ରମେଶ ହରିଜନ ନାମକ ଜଣେ ବ୍ୟକ୍ତି ନବରଙ୍ଗପୁରରୁ ସଉଦା କିଣି ତାରଗାଁ ଯାଉଥିବାବେଳେ ତାଙ୍କର ମୋବାଇଲ ଓ ୫ ହଜାର ଟଙ୍କା ଲୁଟିଥିଲେ କେତେଜଣ ଯୁବକ। ଏ ନେଇ ନବରଙ୍ଗପୁର ଥାନାରେ ସେ ଅଭିଯୋଗ କରିଥିଲେ। ପୋଲିସ ୧୧୮/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ମଝିଗୁଡା ଗାଁର ଉତ୍ତମ ଛତ୍ର(୨୫)ଓ ପ୍ରବୀଣ ନାଗ(୨୧)ଙ୍କ ସମେତ ୨ ଜଣ ନାବାଳକ ଘଟଣାରେ ସମ୍ପୃକ ଥିବା ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନଙ୍କଠାରୁ ୩ ବାଇକ୍ ୪ଟି ମୋବାଇଲ ପୋଲିସ ଜବତ କରିଛି। ଅଭିଯୁକ୍ତ ଉତ୍ତମ ଓ ପ୍ରବୀଣକୁ କୋର୍ଟ ଚାଲାଣ କରାଯାଇଛି। ପ୍ରବୀଣଙ୍କ ନାମରେ ନବରଙ୍ଗପୁର ଥାନାରେ ଅନେକ ମାମଲା ରହିଛି। ଏସ୍‌ଆଇ ତୁଳାରମ ପୂଜାରୀ ଘଟଣାର ତଦନ୍ତ କରୁଛନ୍ତି ।

# ୧୭ ସେକ୍ସନ ଅଧିକାରୀ, ୭୮ ଅମଲାଙ୍କ ବଦଳି

କୋରାପୁଟ,୨୫।୫(ସ୍ୱ.ପ୍ର.)

କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍ ଅଖତାର ଗୁରବାର ଜିଲାର ୧୭ ସେକ୍ସନ ଅଧିକାରୀ ଓ ୭୮ ଅମଲାଙ୍କ ବଦଳି କରିଛନ୍ତି। ସରକାରୀଙ୍କ ୫ ବର୍ଷିଆ ଓ ୩ ବର୍ଷିଆ ବଦଳିନିୟମ ଅଧାରରେ ଉପରୋକ୍ତ ବଦଳି କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଦୀର୍ଘ ଦିନ ହେଲା ଜିଲାସ୍ତରରେ ସେକ୍ସନ ଅଫିସର ଓ କନିଷ୍ଟ ରାଜସ୍ୱ ସହାୟକ ଏବଂ ବରିଷ୍ଠ ରାଜସ୍ୱ ସହାୟକଙ୍କ ବଦଳି କରାଯାଇନଥିବାବେଳେ ଗୁରବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏପରି ବଡଧରଣର ବଦଳି କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୭୭୦/୨୫-୫-୨୦୨୩ ଅନୁଯାୟୀ ଜିଲା ସଦର, ବିଭିନ୍ନ ବ୍ଲକ ଓ ତହସିଲରେ କାର୍ଯ୍ୟକରୁଥିବା ୧୭ ଜଣ ସେକ୍ସନ ଅଧିକାରୀଙ୍କୁ ବଦଳି କରାଯାଇଛି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୭୭୨/୨୫-୫-୨୦୨୩ ଅନୁଯାୟୀ ଜିଲାରେ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ୫୪ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କ ବଦଳି କରାଯାଇଛି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୭୭୪/୨୫-୫-୨୦୨୩ ଅନୁଯାୟୀ ଜିଲାରେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ୨୪ ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବଦଳି କରାଯାଇଛି। ଜିଲାପ୍ରଶାସନ ପକ୍ଷରୁ ପ୍ରକାଶିତ ଏହି ବଦଳି ତାଲିକା ନେଇ ସେକ୍ସନ ଅଧିକାରୀ ଓ ଅମଲାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରୀୟା ଦେଖାଦେଇଛି। ସୂଚନା ଯେ, ଜିଲାର ୩୩ ବିଭାଗର ଅମଲାମାନେ କନିଷ୍ଠ ସହାୟକଙ୍କ ଗ୍ରେଡପେକୁ ୪୨୦୦ କରିବା ଦାବି ନେଇ ବର୍ତ୍ତମାନ କଳାବ୍ୟାଚ ପିନ୍ଧି ଆନ୍ଦୋଳନ ଜାରି ରଖିଛନ୍ତି। ୩୧ ସୁଦ୍ଧା ରାଜ୍ୟ ସରକାରଙ୍କ ଏହି ଦାବି ନ ମାନିଲେ ଜୁନ ୧ରୁ ସେମାନେ ସମୂହ ଛୁଟିରେ ରହିବେ ବୋଲି ଜିଲା ଅମଲା ସଂଘ ଚେତାବନୀ ଦେଇଛି। ଏହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ଏପରି ଅଦଳବଦଳକୁ ନେଇ ଅମଲମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ୪୫୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ

ତେନ୍ତୁଲିଖୁଣ୍ଟି, ୨୫।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ମିଲେଟ ମିଶନ ସଚେତନତା ରଥର ଶୁଭାରମ୍ଭ ଗୁରୁବାର କରାଯାଇଛି। ଏହି ରଥ ୫ ଦିନ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ମାଣ୍ଡିଆ ଓ ପୁଷ୍ଟି ଶସ୍ୟର ଅଭିବୃଦ୍ଧି ନିମନ୍ତେ ସରକାର ଯୋଗାଇ ଦେଉଥିବା ପ୍ରୋତ୍ସାହନ ରାଶି ତଥା ଯନ୍ତ୍ରପାତି ସମ୍ପର୍କରେ ବୁଝାଇ ମାଣ୍ଡିଆ ଚାଷ କରିବାକୁ ସଚେତନ କରିବ। ତେନ୍ତୁଲିଖୁଣ୍ଟି ବ୍ଲକରେ ମିଲେଟ ମିଶନ ଦାୟିତ୍ୱ ଘରୋଇ ସାମାଜିକ ସଂଗଠନ ଅଗ୍ରଗାମୀ ନେଇଛି। ଗତ ବର୍ଷ ଏହି ସଂସ୍ଥା ଦ୍ୱାରା ସଚେତନ କରାଯାଇ ୫ ପଞ୍ଚାୟତର ୨୫ ଗ୍ରାମରେ ମିଲେଟ ଚାଷ କରାଯାଇଥିଲା। ଚଳିତ ବର୍ଷ ୩୪ ଗ୍ରାମରେ ମାଣ୍ଡିଆ ଚାଷ କରିବା ଲକ୍ଷ୍ୟ ରହିଛି। ଗତ ବର୍ଷ ତେନ୍ତୁଲିଖୁଣ୍ଟିରେ ୧୪୧, ପୂଜାରିଗୁଡ଼ାରେ ୭୮, ଲମତାଗୁଡ଼ାର ୨୧୭, ମଞ୍ଚା ଗାଁରେ ୬୮ ଓ ଗଉଡ଼ ଦେଓପାଲି ପଞ୍ଚାୟତର ୫୦ ଚାଷୀ ୨୫ ଗ୍ରାମରେ ୩୭୮.୪ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିଲେ। ଚଳିତ ବର୍ଷ ୪୫୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ ରଖାଯାଇଛି। ସଘନ ପଦ୍ଧତିରେ ଚାଷ କଲେ ପ୍ରଥମ ବର୍ଷ ୧୦ହଜାର, ଦ୍ୱିତୀୟ ବର୍ଷ ୭ହଜାର ୫ଶହ, ତୃତୀୟ ବର୍ଷ ୫ ହଜାର, ଚତୁର୍ଥ ବର୍ଷ ୨ହଜାର ଓ ପଞ୍ଚମ ବର୍ଷ ୨ ହଜାର ଟଙ୍କା ଦିଆଯାଉଛି। ଧାଡ଼ି ରୁଆ ପଦ୍ଧତିରେ ଚାଷକଲେ ୭୫୦୦, ୫ ହଜାର, ୩ ହଜାର, ୨ ହଜାର ଟଙ୍କା ଦିଆଯାଉଛି। ଅଣମାଣ୍ଡିଆ ଶସ୍ୟ ଧାଡ଼ିରୁଆରେ କଲେ ଚାଷୀଙ୍କୁ ୫ ପର୍ଯ୍ୟାୟରେ ୨୬ହଜାର ୫ ଶହ ଟଙ୍କା ଦିଆଯାଉଛ। ଏହି ସଚେତନତା ରଥ ଉଦ୍‌ଘାଟନ ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, କୃଷି ଓଭରସିୟର ହରିଶଙ୍କର ତ୍ରିପାଠୀ, ମଧୁସ୍ମିତା ପତି, ବନ୍ଦିତା ମହାରଣା, ଏଟିଏମ୍ ବାଳଗୋବିନ୍ଦ ସାହୁ ଓ ଆଶିଷ ପରିଡ଼ା ଉପସ୍ଥିତ ଥିଲେ। ଅଗ୍ରଗାମୀର ବ୍ଲକ କୋ-ଅର୍ଡିନେଟର ଅବିନାଶ ପଣ୍ଡା, ବ୍ଲକ ସହ ସଂଯୋଜକ ନିଶାନ୍ତ ବିଷୋୟୀ, ନବଗାମୀ ଏଫ୍‌ପିସିଏଲ୍ ମୁଖ୍ୟ ନିର୍ବାହୀ ଅଧିକାରୀ ନିରୋଦ ପଣ୍ଡା ଓ ଜୟ ପାତ୍ର, କୈଳାସ ଗୌଡ଼, ଟଙ୍କଧର ଝଡ଼ିଆ, ଜଗନ୍ନାଥ ଦିଶାରୀ ଉପସ୍ଥିତ ଥିଲେ। ମିଲେଟ ମିଶନ ଲକ୍ଷ୍ୟ ହାସଲ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ସେମାନେ କହିଥିଲେ।



**ଓଡ଼ିଶା ମିଲେଟ ମିଶନ ସଚେତନତା ରଥ ଶୁଭାରମ୍ଭ**

